# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

## JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୨୦ ◆ ଭୁବନେଶ୍ୱର ◆ ସୋମବାର ◆ ଜାନୁୟାରୀ ୦୫ରୁ ଜାନୁୟାରୀ ୧୧, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-20 ◆ Bhubaneswar ◆ Monday ◆ January 05 to January 11, 2026 ◆ Page-8 ◆ Price Rs.4.00


## ମୋଦୀଙ୍କୁ ଓୱେସୀଙ୍କ ଆହ୍ୱାନ, ଦେଖାନ୍ତୁ ଆପଣଙ୍କର ୫୬ ଇଞ୍ଚ ଛାତି

ନୂଆଦିଲ୍ଲୀ,(ସ୍ୱ.ପ୍ର): 'ଟ୍ରମ୍ପ୍ ଭେନେଜୁଏଲା ଉପରେ ଅତର୍କିତ ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଉଠାଇ ଆଣିପାରିଲେ। ମୋଦୀ ଜୀ, ଆପଣ ମଧ୍ୟ କାହାଠାରୁ କମ୍ ନୁହଁନ୍ତି। ଆପଣ ପାକିସ୍ତାନ ଯାଇ ୨୬/୧୧ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡକୁ ଭାରତକୁ ଫେରାଇ ଆଣିବା ଉଚିତ୍। ଆପଣଙ୍କର ୫୬ ଇଞ୍ଚ ଛାତି ଦେଖାନ୍ତୁ।' ଏଆଇଏମ୍ଆଇଏମ୍ ମୁଖ୍ୟ ତଥା ଲୋକସଭା ସାଂସଦ ଅସଦୁଦ୍ଦିନ ଓୱେସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଟାକ୍ଷ କରିବା ସହ ଆହ୍ୱାନ କରି ଏଭଳି କହିଛନ୍ତି। ସେ କହିଛନ୍ତି ଯେ ଯଦି ଟ୍ରମ୍ପ କରିପାରିଲେ, ତା'ହେଲେ ମୋଦୀ କ'ଣ କିଛି କମ୍ କି ? ଯଦି ଟ୍ରମ୍ପ କରିପାରିବେ, ତା'ହେଲେ ମୋଦୀଙ୍କୁ ବି କରିବାକୁ ପଡ଼ିବ। ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଓୱେସୀ କହିଛନ୍ତି ଟ୍ରମ୍ପ ତାଙ୍କ ସେନାକୁ ଭେନେଜୁଏଲାକୁ ପଠାଇ ସେଠାକାର ରାଷ୍ଟ୍ରପତି ଓ ତାଙ୍କ ପତ୍ନୀକୁ ଉଠାଇ ଆମେରିକା ନେଇଯାଇଛନ୍ତି। ଯଦି ଟ୍ରମ୍ପ ତାଙ୍କ ସେନାକୁ ପଠାଇ ଭେନେଜୁଏଲରାରୁ ଏହାର ରାଷ୍ଟ୍ରପତିଙ୍କୁ ଉଠାଇ ନେଇପାରୁଛନ୍ତି, ତା'ହେଲେ ମୋଦିଜୀ ଆପଣ ନିଜ ସେନାକୁ ପାକିସ୍ତାନକୁ ପଠାଇ ୨୬/୧୧ ମୁମ୍ବାଇ ଆକ୍ରମଣର ଷଡ଼ଯନ୍ତ୍ରକାରୀମାନଙ୍କୁ – ସେ ମସୁଦ ଆଝାର ହେଉ ବା ଲସ୍କର-ଇ-ତାଏବାର କୌଣସି ସଇତନା ହେଉ, ଉଠାଇ ଆଣନ୍ତୁ।

### 'ଆମ ବସ୍' ଦୁର୍ଘଟଣା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ଚାଳକଙ୍କୁ ନିୟମିତ ଟ୍ରେନିଂ ଦିଅ

ଭୁବନେଶ୍ୱର,(ଜା.ପ୍ର): ଲାଇଫଲାଇନ୍ ପାଲଟି ଯାଇଥିବା 'ଆମ ବସ୍', ରାସ୍ତାରେ ଗଡ଼ିବା ବେଳେ ଯମର ଦୁର୍ନାମ ମୁଣ୍ଡାଇବା ଏବଂ ରାଜଧାନୀ ରାଜରାସ୍ତାରେ ହରର୍ ପରେ ସବୁଠି ଉଦବେଗ, ଆକ୍ରୋଶ। ଏହାରି ଭିତରେ 'ଆମ ବସ୍' ପରିବହନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। 'ଆମ ବସ୍' ପରିଚାଳନା ସଂସ୍ଥା କ୍ରୁଟ ସହିତ ସମନ୍ୱୟ ରକ୍ଷା କରି ଏ ସମସ୍ୟାରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନେବାକୁ ସେ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଆମ ବସ ଡ୍ରାଇଭରମାନଙ୍କ ଦକ୍ଷତା ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ଏଥିପାଇଁ ନିୟମିତ ଟ୍ରେନିଂ ପ୍ରଦାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରେନିଂ ପ୍ରକ୍ରିୟାରେ ଡ୍ରାଇଭର ମାନଙ୍କ ଦକ୍ଷତା ସହ ସେମାନଙ୍କ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ସଂପର୍କରେ ମଧ୍ୟ ଗୁରୁତ୍ୱ ଦେବାକୁ



ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଶେଷକରି ସେମାନଙ୍କ ମଧ୍ୟରେ ସମ୍ବେଦନଶୀଳ ମନୋଭାବ ସୃଷ୍ଟି ପାଇଁ ଟ୍ରେନିଂ ମଡ୍ୟୁଲ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହା ସହିତ ଏମଭିଆଇମାନଙ୍କ ଦ୍ୱାରା 'ଆମ ବସ୍' ଗୁଡ଼ିକର ଫିଟନେସ୍ ସଂପର୍କରେ ନିୟମିତ ଯାଞ୍ଚ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରି ବସ୍ ଫିଟନେସ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ଦୁର୍ଭାଗ୍ୟଜନକ ଘଟଣା ଯେପରି ବାରମ୍ବାର ନ ଘଟେ ସେଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ନିୟମିତ ଭାବେ ସମୀକ୍ଷା କରି ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ରବିବାର ଭୁବନେଶ୍ୱର ରୂପାଲି ଛକ ନିକଟରେ 'ଆମ ବସ୍' ଓ ଅଟୋ ମଧ୍ୟରେ ଧକ୍କା ହେବ ଫଳରେ ଅଟୋ ଚାଳକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏ ଘଟଣାରେ ଆହତ ହୋଇଥିବା ଛାତ୍ରୀଙ୍କ ଆଶୁ ଆରୋଗ୍ୟ ମଧ୍ୟ ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି।

## କଡ଼ାକଡ଼ି ହେବ ଡ୍ରାଇଭର ନିଯୁକ୍ତି ପ୍ରକ୍ରିୟା

ଭୁବନେଶ୍ୱର,(ଜା.ପ୍ର): 'ଆମ ବସ୍' ଦୁର୍ଘଟଣା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ 'ଆମ ବସ୍' ସେବାର ସୁରକ୍ଷା, ପରିଚାଳନା ଏବଂ ପରିଚାଳନା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଟ୍ରାଫିକ୍ ଡିସିପି ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକ ପରେ ଶ୍ରୀମତୀ ପାଢୀ ତାଙ୍କ ଅଧ୍ୟକ୍ଷତାରେ ଏକ ପାଞ୍ଚ ସଦସ୍ୟ ବିଶିଷ୍ଟ ଉଚ୍ଚସ୍ତରୀୟ କମିଟି ଗଠନ ନେଇ ଘୋଷଣା କରିଥିଲେ ଯାହା ନିୟମିତ ତଦାରଖ, ପରିଚାଳନା ଶୃଙ୍ଖଳାରେ ଉନ୍ନତି ଏବଂ ଆମ ବସ୍ ସେବାର ସୁରକ୍ଷା ବୃଦ୍ଧି ପ୍ରତି ଦୃଷ୍ଟି ଦେବ। ଏହି କମିଟିରେ ପରିବହନ କମିଶନର, ଡିସିପି, ଟ୍ରାଫିକ୍ ଡିସିପି ଏବଂ କ୍ରୁଟର ଜଣେ ବରିଷ୍ଠ ଅଧିକାରୀ ରହିଛନ୍ତି। ଏହି କମିଟି ପ୍ରତି ୧୫ ଦିନରେ ଥରେ ବୈଠକ କରିବ ଏବଂ ଜରୁରୀ ସମସ୍ୟାଗୁଡ଼ିକର ସମୀକ୍ଷା କରିବ।

## ଟି-୨୦ ବିଶ୍ୱକପ୍ ପାଇଁ ଭାରତ ଆସିବନି ବାଂଲାଦେଶ ଟିମ୍

ଢାକା,(ସ୍ୱ.ପ୍ର): ବାଂଲାଦେଶ ଟିମ୍ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ଖେଳିବା ପାଇଁ ଭାରତ ଆସିବ ନାହିଁ। ବାଂଲାଦେଶ ଖେଳ ପରାମର୍ଶଦାତା ଆସିଫ୍ ନଜରୁଲ୍ ରବିବାର ସୋସିଆଲ୍ ମିଡିଆ ପୋଷ୍ଟରେ ଏହା ସ୍ପଷ୍ଟ କରିଛନ୍ତି। ନଜରୁଲ୍ କହିଛନ୍ତି, ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ବୈଠକ ପରେ ଏହି ବଡ଼ ନିଷ୍ପତ୍ତି ନେଇଛି। ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ମନୋଭାବକୁ ଅପେକ୍ଷା। କାରଣ ଏହି ବଡ଼ ଇଭେଣ୍ଟ ପାଇଁ ହିଁ ଆଇସିସି କାର୍ଯ୍ୟକ୍ରମ ଆଦି ପ୍ରସ୍ତୁତ କରିଥାଏ। ଆସିଫ୍ ନଜରୁଲ୍ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ଲେଖିଛନ୍ତି- 'ବାଂଲାଦେଶ ବିଶ୍ୱକପ୍ ଖେଳିବାକୁ ଭାରତ ଯିବ ନାହିଁ। ଭାରତୀୟ କ୍ରିକେଟ୍ ବୋର୍ଡ (ବିସିସିଆଇ)ର ଆକ୍ରମଣାତ୍ମକ ସାମ୍ପ୍ରଦାୟିକ ନୀତିର ଜବାବରେ ବିସିବି ରବିବାର ନେଇଥିବା ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ।' ବାଂଲାଦେଶ କ୍ରିକେଟ୍ ବୋର୍ଡ ଟି-୨୦ ବିଶ୍ୱକପ୍‌ରେ ନିଜ ଟିମ୍‌ର ମ୍ୟାଚ୍ ଶ୍ରୀଲଙ୍କା ସ୍ଥାନାନ୍ତରିତ କରିବାକୁ ଆଇସିସି ନିକଟରେ ଦାବି କରିଛି। ବର୍ତ୍ତମାନର ପରିବେଶରେ ବାଂଲାଦେଶୀ ଖେଳାଳିଙ୍କ ସୁରକ୍ଷା ନେଇ ବିସିବି ଚିନ୍ତିତ। ଏହି କାରଣରୁ ବିସିବି ଏହି ପ୍ରସଙ୍ଗରେ ଆଇସିସି ସହିତ ଔପଚାରିକ ଭାବେ ସମ୍ପର୍କ କରି ମ୍ୟାଚ୍ ବେନ୍ୟୁ ପରିବର୍ତ୍ତନ ଦାବି କରିବ। ବାଂଲାଦେଶ ଫାଷ୍ଟ୍ ବୋଲର୍ ମୁସ୍ତାଫିଜୁର୍ ରହମାନ୍‌ଙ୍କୁ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ରୁ ବାହାର କରାଯିବା ପରେ ବିସିବି ଏହି ନିଷ୍ପତ୍ତି ନେଇଛି। ମୁସ୍ତାଫିଜୁର୍‌ଙ୍କୁ ନିଜ ଟିମ୍‌ରୁ ବାହାର କରିବା ପାଇଁ ବିସିସିଆଇ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)କୁ ନିର୍ଦ୍ଦେଶ ଦେଇଥିଲା। ବିସିସିଆଇ ନିର୍ଦ୍ଦେଶର ପାଳନ କରି କେକେଆର୍ ମୁସ୍ତାଫିଜୁର୍‌ଙ୍କୁ ରିଲିଜ୍ କରିଦେଇଥିଲା। ମୁସ୍ତାଫିଜୁର୍‌ଙ୍କୁ ଆଇପିଏଲ୍ ଟିମ୍‌ରୁ ବାହାର କରାଯିବା ନିଷ୍ପତ୍ତିରେ ବାଂଲାଦେଶର ଅନ୍ତରୀଣ ସରକାର କଡ଼ା ଅସନ୍ତୋଷ ବ୍ୟକ୍ତ କରିଛି। ବାଂଲାଦେଶ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପରାମର୍ଶଦାତା ସୟଦା ରିଜୱାନା ହସନ୍ ଏହି ପୂରା ମାମଲାକୁ ରାଜନୀତି ପ୍ରେରିତ ଦର୍ଶାଇବା ସହିତ ଏହାଦ୍ୱାରା ଦେଶବାସୀଙ୍କ ଭାବନା ଆହତ ହୋଇ ଏବଂ ସରକାର ଏହାକୁ ଚୁପ୍‌ଚାପ୍ ସ୍ୱୀକାର କରିପାରିବେ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି, ସାଧାରଣତଃ ଦୁଇଦେଶ ମଧ୍ୟରେ ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଥାଏ, ସେତେବେଳେ ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ଖେଳ ସମ୍ବନ୍ଧକୁ ଉନ୍ନତ କରିବାର କାମ କରିଥାଏ। କିନ୍ତୁ ଏଠାରେ ଠିକ୍ ଏହାର ଓଲଟା ହୋଇଛି। ଜଣେ ବାଂଲାଦେଶୀ ଖେଳାଳିଙ୍କୁ ପ୍ରଥମେ ଟିମ୍‌ରେ ଚୟନ କରାଯିବା ପରେ କଥିତ ଭାବେ ରାଜନୈତିକ କାରଣରୁ ବାହାର କରିଦିଆଯାଇଛି।

# ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଗିରଫ

କାରାକାସ୍, ୱାଶିଂଟନ୍,(ସ୍ୱ.ପ୍ର): ଆମେରିକା ଭେନେଜୁଏଲା ଉପରେ ଆକ୍ରମଣ କରିବା ସହ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଆଡେଲା ଫ୍ଲୋରେସ୍‌ଙ୍କୁ ଗିରଫ କରିଛି। ଏସମ୍ପର୍କରେ ନିଜେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ଟ୍ରୁଥ୍' ଯୋଗେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ପ୍ରମାଣସ୍ୱରୂପ ନିକୋଲାସ୍ ଏବେ ଆମେରିକୀୟ ସୈନ୍ୟଙ୍କ କବଳରେ ଥିବା ଏବଂ ତାଙ୍କ ହାତରେ ହାତକଡ଼ି ପଡିଥିବାର କିଛି ଫଟୋକୁ ମଧ୍ୟ ଟ୍ରମ୍ପ୍ ସେୟାର କରିଛନ୍ତି। ଟ୍ରମ୍ପ୍ ଦାବି କରିଛନ୍ତି ଯେ, ଆମେରିକା ଆଜି ଯାହା କରିପାରିଛି ତାହା କୌଣସି ଦେଶ କରିପାରିନଥାନ୍ତେ। ଉଭୟ ନିକୋଲାସ୍ ଏବଂ ତାଙ୍କ ପତ୍ନୀଙ୍କୁ ସେମାନଙ୍କ ବେଡ୍‌ରୁମ୍‌ରୁ ହିଁ ଆମେରିକୀୟ ସୈନ୍ୟମାନେ ଗିରଫ କରିଥିଲେ। ଅନ୍ୟପକ୍ଷେ ଆକ୍ରମଣ ଠାରୁ ଆରମ୍ଭ କରି ନିକୋଲାସ୍‌ଙ୍କ ଗିରଫଦାରୀ ପର୍ଯ୍ୟନ୍ତ ସବୁକିଛି ସେ ଲାଇଭ୍ ଦେଖୁଥିଲେ ବୋଲି ନିଜେ ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି। ତେବେ ନିକୋଲାସ୍ ଏବଂ ତାଙ୍କ ପତ୍ନୀ ଆମେରିକାରେ ପହଞ୍ଚିବା ପରେ ଏକ ସାମ୍ବାଦିକ ସମ୍ମିଳନୀ କରି ଭେନେଜୁଏଲାବାସୀଙ୍କୁ ସମ୍ବୋଧିତ କରିବେ ବୋଲି ଟ୍ରମ୍ପ୍ କହିଛନ୍ତି। ସେହିପରି ଆମେରିକା ସେନା ପକ୍ଷରୁ ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ନିକୋଲାସ୍ ଏବଂ ତାଙ୍କ ପତ୍ନୀ ସିଲିଆଙ୍କୁ ଗିରଫ



କରାଯାଇ ସୁରକ୍ଷିତ ଭାବେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ନ୍ୟୁୟର୍କ ନିଆଯାଉଛି। ଜଣେ ସାମାନ୍ୟ ଟ୍ରକ୍ ଡ୍ରାଇଭରରୁ ପ୍ରଥମେ ଶ୍ରମିକ ୟୁନିଅନର ନେତା ସାଜିବା ପରେ ଦେଶର ରାଷ୍ଟ୍ରପତି ହେବା ପର୍ଯ୍ୟନ୍ତ ଯାତ୍ରା ସଫଳତାର ସହ ପୁରା କରିଥିଲେ ନିକୋଲାସ୍ ମାଦୁରୋ। କିନ୍ତୁ ଏବେ ତାଙ୍କ ସାମ୍ରାଜ୍ୟର ପତନ ହୋଇଛି।

ବେଶ୍ କିଛି ଦିନର ଶୀତଳ ଯୁଦ୍ଧଜନିତ ତିକ୍ତତା ଏବେ ଭୟଙ୍କର ଆକ୍ରମଣର କାରଣ ସାଜିଛି। ରିପୋର୍ଟ ଅନୁସାରେ ଆମେରିକା, ଭେନେଜୁଏଲା ଉପରେ ଅତର୍କିତ ଆକ୍ରମଣ କରିଛି। ଶୁକ୍ରବାର ବିଳମ୍ବିତ ରାତି (ସ୍ଥାନୀୟ ସମୟ ପ୍ରାୟ ରାତି ୨ଟା ଏବଂ ଭାରତୀୟ ସମୟ ଶନିବାର ସକାଳ ୧୧.୩୦ ସମୟ)ରେ ଆମେରିକା ପକ୍ଷରୁ ଭେନେଜୁଏଲାର ରାଜଧାନୀ କାରାକାସ୍ ସମେତ ମୋଟ୍ ୪ଟି ସହର ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲା। ପରେ ପରେ ଆଉ ୩ଟି ସହର ଉପରେ ମଧ୍ୟ ଆମେରିକୀୟ ବାୟୁସେନା ବୋମା ବର୍ଷା କରିଥିଲେ। ଏଥିରେ ଭେନେଜୁଏଲାର ବ୍ୟାପକ କ୍ଷୟକ୍ଷତି ହୋଇଥିବା କୁହାଯାଉଥିବା ବେଳେ ମୃତାହତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ଭେନେଜୁଏଲାର ୭ଟି ଅଞ୍ଚଳରେ ଆକାଶମାର୍ଗରୁ ଭୟଙ୍କର ଆକ୍ରମଣ କରିଛି ଆମେରିକା ସେନା। ଏଥିରେ ଭେନେଜୁଏଲାର ଇସ୍‌ଲା ମାର୍ଗାରିଟା ଦ୍ୱୀପ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ପ୍ରକାଶ, ଏହି ଦ୍ୱୀପରେ ଭେନେଜୁଏଲା ସାମରିକ ବାହିନୀର ଶୀର୍ଷ ଘାଟି ରହିଛି। ସେହିପରି ଭେନେଜୁଏଲାର ରାଜଧାନୀ କାରାକାସରେ ଏକ ପ୍ରମୁଖ ସାମରିକ ଘାଟି ଉପରେ ମଧ୍ୟ ଆକ୍ରମଣ କରିଛି ଆମେରିକା। ବିସ୍ଫୋରଣର ଶବ୍ଦ ଅନେକ କିଲୋମିଟର ଦୂରରେ ଶୁଣାଯାଇଥିବା। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ସେହିପରି ଆକ୍ରମଣ ଯୋଗୁ ଅନେକ ଅଞ୍ଚଳ ଏବେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଆମେରିକାର ଏପ୍ରକାର ଆକ୍ରମଣ ପରେ ଭେନେଜୁଏଲାରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି।

ଜାତୀୟ ଚେତନା
JATIYA CHETANA



# କର୍ଣ୍ଣାଟକ ସରକାରଙ୍କ ସର୍ଭେରେ ଇଭିଏମ୍‌କୁ ବିପୁଳ ଜନସମର୍ଥନ

ନୂଆଦିଲ୍ଲୀ,ବେଙ୍ଗାଲୁରୁ,(ସ୍ୱ.ପ୍ର): କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ହେରଫେର ହେଉଥିବା ଅଭିଯୋଗ ଜାରି ରହିଛି । ନିର୍ବାଚନୀ ପ୍ରକ୍ରିୟା ଅନ୍ତର୍ଗତ ଇଭିଏମ୍ ଟାମ୍ପରିଂ, ଭୋଟ୍ ଚୋରି ଆଦି ଅସ୍ୱଚ୍ଛ ପ୍ରକ୍ରିୟା ପଛରେ ନିର୍ବାଚନ ଆୟୋଗ ଏବଂ ବିଜେପିକୁ ଦାୟୀ କରୁଛନ୍ତି କଂଗ୍ରେସ ସମେତ ଅନେକ ବିରୋଧୀ ଦଳ । ତେବେ ୨୦୨୪ ଲୋକସଭା ନିର୍ବାଚନ ସମୟରେ କର୍ଣ୍ଣାଟକରେ ଭୋଟ୍ ଚୋରି ହୋଇଥିବା ନେଇ କଂଗ୍ରେସ ଯେଉଁ ଅଭିଯୋଗ ଲଗାଇଥିଲା ତାହା ଉପରେ ଏକ ବଡ଼ ସ୍ପଷ୍ଟୀକରଣ ସାମ୍ନାକୁ ଆସିଛି । ରିପୋର୍ଟ ଅନୁସାରେ କର୍ଣ୍ଣାଟକରେ ଏବେ କଂଗ୍ରେସ ସରକାର ରହିଥିବା ବେଳେ ମୁଖ୍ୟ ନିର୍ବାଚନ ଅଧିକାରୀ ଭି. ଅନବୁକୁମାରଙ୍କ ମାଧ୍ୟମରେ ଏହି ସର୍ଭେ କରାଇଥିଲେ । ଏହି ସର୍ଭେ ୨୦୨୪ ଲୋକସଭା ନିର୍ବାଚନ ସମୟରେ କର୍ଣ୍ଣାଟକରେ ହୋଇଥିବା ଭୋଟିଂ ଉପରେ ହିଁ ପର୍ଯ୍ୟବେସିତ ଥିଲା । ତେବେ ଏହି ସର୍ଭେର ଫଳାଫଳକୁ ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ସାର୍ବଜନୀନ କରାଯାଇଛି । ସର୍ଭେ ଫଳାଫଳରୁ ସ୍ପଷ୍ଟ ହୋଇଛି ଯେ, ପ୍ରାୟ ୯୧% ରାଜ୍ୟବାସୀ ୨୦୨୪ ଲୋକସଭା ନିର୍ବାଚନରେ ହୋଇଥିବା ଭୋଟିଂ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ (କୌଣସି ହେରଫେର ହୋଇନଥିବା ଆଧାରରେ) ଭାବେ ସମର୍ଥନ କରିଛନ୍ତି । ଏହାର ଅର୍ଥ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଏହି ସର୍ଭେରେ ଇଭିଏମ୍ ମେସିନ୍‌କୁ ବିପୁଳ ଜନସମର୍ଥନ ମିଳିଛି । ସେହିପରି ନିର୍ବାଚନ ଆୟୋଗଙ୍କ ବିରୋଧରେ କଂଗ୍ରେସ ଆଣିଥିବା ଅଭିଯୋଗ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ମିଥ୍ୟା ପ୍ରମାଣିତ ହୋଇଯାଇଛି । ଏପ୍ରକାର ଏକ ସର୍ଭେ ରିପୋର୍ଟ ପ୍ରକାଶ ପାଇବା ପରେ ଉଭୟ କେନ୍ଦ୍ର ନିର୍ବାଚନ ଆୟୋଗ (ସିଇସି) ଏବଂ ବିଜେପି କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି । ସର୍ଭେରୁ ମିଳିଥିବା ତଥ୍ୟ ମୁତାବକ ପ୍ରାୟ ୮୩.୬୧% ମତଦାତା କହିଛନ୍ତି ଯେ ସେମାନଙ୍କର ଇଭିଏମ୍ ଉପରେ ବିଶ୍ୱାସ ଅଛି । ମୋଟାମୋଟି ୬୯.୩୯% ସହମତ ହୋଇଛନ୍ତି ଯେ ଇଭିଏମ ସଠିକ୍ ଭାବେ କାମ କରୁଛି । ବେଙ୍ଗାଲୁରୁ, ବେଲାଗାଭି, କାଲାବୁରାଗି ଏବଂ ମୈସୁର ପ୍ରଶାସନିକ କ୍ଷେତ୍ରକୁ କଭର କରି ୧୦୨ ବିଧାନସଭା ନିର୍ବାଚନ ମଣ୍ଡଳୀର ୫,୧୦୦ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏହି ସର୍ଭେ କରାଯାଇଥିଲା । ବିଜେପି କହିଛି ଏହା କେବଳ ଏକ ସର୍ଭେ ଫଳାଫଳ ନୁହେଁ ବରଂ ଏହା କଂଗ୍ରେସ ଗାଲରେ ଏକ ଶକ୍ତ ଚାପୁଡା ସଦୃଶ ହୋଇଛି ।

# ଫେବୃଆରୀରୁ ବଢ଼ିବ ସିଗାରେଟ୍ ଓ ତମାଖୁ ମୂଲ୍ୟ

ନୂଆଦିଲ୍ଲୀ,(ସ୍ୱ.ପ୍ର): ଜିଏସ୍‌ଟି ୨.୦ ସଂସ୍କାର ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉତ୍ପାଦ ଶୁଳ୍କ ବୃଦ୍ଧି ଘୋଷଣା କରାଯିବା ପରେ ଆସନ୍ତା ମାସ ଅର୍ଥାତ୍ ଫେବୃଆରୀ ୧, ୨୦୨୬ରୁ ସିଗାରେଟ୍, ପାନ ମସଲା ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଆଦି ମହଙ୍ଗା ହେବାକୁ ଯାଉଛି । ଏକ ପ୍ରମୁଖ ନୀତିଗତ ପରିବର୍ତ୍ତନରେ, ଅର୍ଥ ମନ୍ତ୍ରଣାଳୟ ତମାଖୁ ଉତ୍ପାଦ ପାଇଁ ଉତ୍ପାଦ ଶୁଳ୍କ ଗଠନର ଏକ ବ୍ୟାପକ ପରିବର୍ତ୍ତନକୁ ସୂଚିତ କରିଛି, ଯାହା ୨୦୧୭ ରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥା ଲାଗୁ ହେବା ପରେ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ । ସେଣ୍ଟ୍ରାଲ୍ ଏକ୍ସାଇଜ୍ ଆଇନ ଏବଂ କେନ୍ଦ୍ରୀୟ ଏକ୍ସାଇଜ୍ (ସଂଶୋଧନ) ଆଇନ, ୨୦୨୫ ଅନ୍ତର୍ଗତ ଜାରି କରାଯାଇଥିବା ବିଜ୍ଞପ୍ତି ମାଧ୍ୟମରେ ମଧ୍ୟ ଏସମ୍ପର୍କିତ ପରିବର୍ତ୍ତନ ଘୋଷଣା କରାଯାଇଥିଲା । ସେହିପରି ଅର୍ଥ ମନ୍ତ୍ରଣାଳୟ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ, ସରକାର ସିଗାରେଟ ଏବଂ ତମାଖୁ ଉତ୍ପାଦର ଲମ୍ବ ଏବଂ ପ୍ରକାର ଉପରେ ନିର୍ଭର କରି ପ୍ରତି ୧୦୦୦ଷ୍ଟିକ୍ ପାଇଁ ୨୦୫୦ ଟଙ୍କାରୁ ୮୫୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଆଦାୟ କରିବେ । ତମାଖୁ ଏବଂ ସମାନ ଉତ୍ପାଦ ଉପରେ ବର୍ତ୍ତମାନ ୪୦% ସାମଗ୍ରୀ ଏବଂ ସେବା କର (ଜିଏସ୍‌ଟି) ଶୁଳ୍କ ଲାଗୁ କରାଯିବ । ଭାରତ ଫେବୃଆରୀ ୧ ତାରିଖରୁ ସିଗାରେଟ୍ ସମେତ ତମାଖୁ ଉତ୍ପାଦ ଉପରେ ଉତ୍ପାଦ ଶୁଳ୍କ ଲାଗୁ କରିଛି ।

# ରାଷ୍ଟ୍ରପତିଙ୍କ ଦ୍ୱାରା ରାଇରଙ୍ଗପୁରରେ ଇଗ୍ନୋର ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ର ଲୋକାର୍ପିତ

## ପାଠପଢ଼ା ସହିତ ମିଳିବ ଦକ୍ଷତା ଶିକ୍ଷା



ନୂଆଦିଲ୍ଲୀ, ଭୁବନେଶ୍ୱର,(ସ୍ୱ.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଏବଂ ଇଗ୍ନୋ ଦକ୍ଷତା କେନ୍ଦ୍ର ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି । ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ସ୍କିଲିଂ ଫର୍ ଏଆଇ ରିଡନେସ୍(ସୋର) ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ଅଭିଭାଷଣ ରଖି କହିଛନ୍ତି ଯେ ରାଇରଙ୍ଗପୁରରେ ଇଗ୍ନୋର ଏହି ନୂତନ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ସମାଜରେ ରୋଜଗାର ଓ ଉଦ୍ୟମିତା ବୃଦ୍ଧି ପାଇବ । ପ୍ରଥମ ଥର ପାଇଁ ଇଗ୍ନୋ ମାଧ୍ୟମରେ ଶିକ୍ଷା ସହିତ ଦକ୍ଷତା ଶିକ୍ଷା ପ୍ରଦାନ କରାଯିବ, ଯାହା ଏକ ବଡ଼ ପରିବର୍ତ୍ତନ ଆଣିବ । ରାଷ୍ଟ୍ରପତି ଜଣେ ଶିକ୍ଷୟିତ୍ରୀ ଭାବେ ନିଜ ଜୀବନର ମୂଲ୍ୟବୋଧ ଓ ସମ୍ମାନର ପରିଚୟ ଦେଇଛନ୍ତି । ତାଙ୍କ ମାର୍ଗଦର୍ଶନରେ ଏହି କେନ୍ଦ୍ରଗୁଡ଼ିକ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କୁ ବିଶେଷ ଭାବେ ଉପକୃତ କରିବ । ସେ କହିଛନ୍ତି ଯେ ମୟୂରଭଞ୍ଜର ପ୍ରାକୃତିକ ସମ୍ପଦ, ବନସ୍ପତି ଓ ଶ୍ରମଶକ୍ତିର ସଠିକ୍ ବିନିଯୋଗ ପାଇଁ ସ୍ଥାନୀୟ ଜନଜାତି ଓ ଗ୍ରାମୀଣ ଜନସାଧାରଣଙ୍କୁ ଏଆଇ ଏବଂ ଆଧୁନିକ ଟେକ୍ନୋଲୋଜି ସହିତ ଯୋଡ଼ାଯିବ । ଏହା ସେମାନଙ୍କ କ୍ଷମତା ବୃଦ୍ଧି କରିବାରେ ସହାୟକ ହେବ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ଭାରତ ବର୍ତ୍ତମାନ 'ଏଆଇ ଇମ୍ପାକ୍ଟ' ସମ୍ମିଳନୀ କରୁଛି । ଯେଉଁ ସମୟରେ ବିଶ୍ୱ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ନେଇ ଆଶଙ୍କା କରୁଛି, ଭାରତ ଏହାକୁ ଏକ ସୁଯୋଗ ଭାବେ ଗ୍ରହଣ କରିବା ଉଚିତ୍ । ନୂଆପିଢ଼ିକୁ ଏଆଇ ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା କରାଯିବ । 'ଏଆଇ ଫର୍ ଅଲ୍' ଆଗାମୀ ଦିନରେ ଏକ 'ଗେମ୍ ଚେଞ୍ଜର' ସାବ୍ୟସ୍ତ ହେବ । ସେହିପରି ପ୍ରଧାନମନ୍ତ୍ରୀଙ୍କ 'ଆତ୍ମନିର୍ଭର ଭାରତ'ର ସ୍ୱପ୍ନ ସାକାର କରିବା ପାଇଁ ନାଗରିକଙ୍କ ଆର୍ଥିକ ଆଉଟପୁଟ୍ ବଢ଼ାଇବାକୁ ହେବ । ବିକଶିତ ଭାରତ ଗଠନ ପାଇଁ ଆମର ୱର୍କଫୋର୍ସକୁ ୫୦ରୁ ୭୫ ପ୍ରତିଶତକୁ ନେବାକୁ ପଡ଼ିବ ଏବଂ ଏଥିପାଇଁ ଦକ୍ଷତା ବିକାଶ ହିଁ ମୂଳାଧାର । ଶ୍ରୀ ପ୍ରଧାନ ଏହି ଅବସରରେ ମୟୂରଭଞ୍ଜ ତଥା ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ଇଗ୍ନୋକୁ ଏହି ଅଭିଯାନରେ ଅଂଶୀଦାର ହୋଇଥିବାରୁ ଧନ୍ୟବାଦ ଜଣାଇଛନ୍ତି । ଟେକ୍ନୋଲୋଜିର ବ୍ୟବହାର କରି ଆମେ ଏକ ସ୍ୱାଭିମାନୀ ଓ ସମୃଦ୍ଧ 'ନୂଆ ଭାରତ' ଗଠନ କରିବା ପାଇଁ ସଙ୍କଳ୍ପବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲା ବେଳେ ବାରିପଦାରୁ ଭିସି ମାଧ୍ୟମରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ଭାରତ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ । ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିଶ୍ୱବ୍ୟାପୀ ଅର୍ଥବ୍ୟବସ୍ଥା ଏବଂ ସମାଜକୁ ନୂଆ ଆକାର ଦେଉଛି । ଆମେ କିପରି ଶିଖୁଛୁ, କିପରି କାମ କରୁଛୁ, ଆଧୁନିକ ସେବା କିପରି ପାଇପାରୁଛୁ ଏବଂ ମାନବତାର ସବୁଠାରୁ ବଡ଼ ଆହ୍ୱାନକୁ କିପରି ମୁକାବିଲା କରୁଛୁ ତାହାକୁ ଏଆଇ ପ୍ରଭାବିତ କରୁଛି । ଭାରତ ଭଳି ଏକ ଯୁବ ରାଷ୍ଟ୍ର ପାଇଁ, ଏଆଇ କେବଳ ଏକ ପ୍ରଯୁକ୍ତିବିଦ୍ୟା ନୁହେଁ, ବରଂ ସକାରାତ୍ମକ ପରିବର୍ତ୍ତନ ପାଇଁ ଏକ ପ୍ରକୃଷ୍ଟ ସୁଯୋଗ । ରାଷ୍ଟ୍ରପତି କହିଥିଲେ, ପ୍ରଯୁକ୍ତିବିଦ୍ୟା ଲୋକଙ୍କୁ ସଶକ୍ତ କରିବା, ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ବିସ୍ତାର କରିବା ଉଚିତ । ଭାରତ ସବୁବେଳେ ଏହି ଆଭିମୁଖ୍ୟକୁ ଗ୍ରହଣ କରି ଆସିଛି । ସାମାଜିକ, ଆର୍ଥିକ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଜନକୁ ଦୂର କରିବା ଲକ୍ଷ୍ୟରେ ଏଆଇର ଉପଯୋଗ କରାଯିବା ଉଚିତ୍ । ଏହାର ଲାଭ ସମସ୍ତ ପୃଷ୍ଠଭୂମି ଏବଂ ବୟସର ଲୋକ, ବିଶେଷକରି ଉପେକ୍ଷିତ ସମ୍ପ୍ରଦାୟଙ୍କ ପାଖରେ ନିଶ୍ଚିତ ଭାବେ ପହଞ୍ଚିବା ଆବଶ୍ୟକ ।

# ଇସିଏମ୍‌ଏସ୍ ଯୋଜନାରେ ୨୨ ପ୍ରସ୍ତାବକୁ ମଞ୍ଜୁରି

ନୂଆଦିଲ୍ଲୀ,(ସ୍ୱ.ପ୍ର): ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଇଲେକ୍ଟ୍ରୋନିକ୍ସ ଉପକରଣ ଉତ୍ପାଦନ ଯୋଜନା (ଇସିଏମ୍‌ଏସ୍) ଅଧୀନରେ ଆହୁରି ୨୨ଟି ପ୍ରସ୍ତାବକୁ ଅନୁମୋଦନ କରିଛି । ଏହାଦ୍ୱାରା ୪୧,୮୬୩ କୋଟି ଟଙ୍କା ନିବେଶ ସହିତ ୨,୫୮,୧୫୨ କୋଟି ଟଙ୍କା ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି । ଏହି ଅନୁମୋଦନ ଆନୁମାନିକ ୩୩,୭୯୧ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏଥିପୂର୍ବରୁ ମନ୍ତ୍ରଣାଳୟ ୧୨,୭୦୪ କୋଟି ଟଙ୍କାର ୨୪ଟି ପ୍ରକଳ୍ପକୁ ମଞ୍ଜୁର କରିଥିଲା । ଏହି ଅନୁମୋଦନଗୁଡ଼ିକ ମଧ୍ୟରେ ୧୧ଟି ଲକ୍ଷ୍ୟ ଆଧାରିତ କ୍ଷେତ୍ର ଉତ୍ପାଦର ନିର୍ମାଣ ସାମିଲ ରହିଛି । ଏସବୁ ସାମଗ୍ରୀ ମୋବାଇଲ୍ ଉତ୍ପାଦନ, ଦୂରସଞ୍ଚାର, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ରଣନୀତିକ ଇଲେକ୍ଟ୍ରୋନିକ୍ସ, ଅଟୋମୋଟିଭ୍ ଏବଂ ଆଇଟି ହାର୍ଡୱେର୍ ଉତ୍ପାଦ ବିଭିନ୍ନ କ୍ଷେତ୍ରରେ ପ୍ରୟାସ କରାଯିବ । ଏସବୁ ୧୧ଟି ଉତ୍ପାଦଗୁଡ଼ିକ ହେଲା ପିସିବି, କାପାସିଟର, କନେକ୍ଟର, ଏନକ୍ଲୋଜର୍ ଏବଂ ଲି-ଆୟନ ସେଲ ଭଳି ୫ଟି ଉପାଦାନ । କ୍ୟାମେରା ମଡ୍ୟୁଲ, ଡିସପ୍ଲେ ମଡ୍ୟୁଲ ଏବଂ ଅପ୍ଟିକାଲ ଟ୍ରାନ୍ସିଭର ଭଳି ୩ଟି ସବ୍ ଆସେମ୍ବ୍ଲି, ଆଲୁମିନିୟମ ଏକ୍ସଟର୍ସନ, ଆନୋଡ୍ ମ୍ୟାଟେରିଆଲ ଏବଂ ଲାମିନେଟ୍ (କପର୍ କ୍ଲାଡ୍) ଭଳି ୩ଟି ସପ୍ଲାଇ୍ ଚେନ୍ । ଇଲେକ୍ଟ୍ରୋନିକ୍ସ ଉପକରଣ ଉତ୍ପାଦନ ଯୋଜନାରେ ପ୍ରତିଷ୍ଠା ହେବାକୁ ଥିବା ଏହି ୟୁନିଟଗୁଡ଼ିକ ଆନ୍ଧ୍ରପ୍ରଦେଶ, ହରିୟାଣା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ ପ୍ରତିଷ୍ଠା କରାଯିବ । ସଦ୍ୟତମ ପର୍ଯ୍ୟାୟ ଅନୁମୋଦନ ସହିତ ବର୍ତ୍ତମାନ ସୁଦ୍ଧା ୧୧ଟି ରାଜ୍ୟରେ ଇସିଏମଏସ ଯୋଜନା ଅଧୀନରେ ୪୬ଟି ଆବେଦନକୁ ମଞ୍ଜୁରି ମିଳିସାରିଛି । ଏହାଦ୍ୱାରା ୫୪,୫୬୭ କୋଟି ଟଙ୍କା ନିବେଶ ସହିତ ୫୧,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଇକୋସିଷ୍ଟମକୁ ମଜବୁତ କରିଛି । ଫଳରେ ଘରୋଇ ଚାହିଦାର ଏକ ବଡ଼ ଅଂଶ ସ୍ୱଦେଶୀ ଭାବରେ ପୂରଣ ହୋଇପାରିବ । ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ବିଷୟରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ୨୦୪୭ ବେଳକୁ ଭାରତରେ ଏକ ଯୁବ ଜନସଂଖ୍ୟା ରହିଥିବ । ଅନ୍ୟପଟେ ଅନେକ ଅନ୍ୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ବନ୍ଦ ହୋଇଯାଇଥିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ଏକମାତ୍ର ଅର୍ଥବ୍ୟବସ୍ଥା ହେବ ଯାହା ୨୧୦୦ ପର୍ଯ୍ୟନ୍ତ ଅଭିବୃଦ୍ଧି ଜାରି ରଖିବ ଏବଂ ତେଣୁ ସମସ୍ତ ଢାଞ୍ଚାଗତ ଭିତ୍ତିଭୂମି ସ୍ଥାପନ କରିବା ଗୁରୁତ୍ୱପୂର୍ଣ୍ଣ, ଯାହା ଦ୍ୱାରା ଅଭିବୃଦ୍ଧି ଜାରି ରହିବ । ଏହି ଅନୁମୋଦନଗୁଡ଼ିକ ଘରୋଇ ଯୋଗାଣ ଶୃଙ୍ଖଳାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିବ । ଗୁରୁତ୍ୱପୂର୍ଣ୍ଣ ଇଲେକ୍ଟ୍ରୋନିକ୍ ଉପାଦାନ ପାଇଁ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବ ଏବଂ ଭାରତରେ ଉଚ୍ଚ-ମୂଲ୍ୟର ଉତ୍ପାଦନ କ୍ଷମତାର ଅଭିବୃଦ୍ଧିକୁ ସମର୍ଥନ କରିବ ।

# ୨୦୨୭ ଅଗଷ୍ଟ ୧୫ରେ ଗଡ଼ିବ ପ୍ରଥମ ବୁଲେଟ୍ ଟ୍ରେନ୍

ନୂଆଦିଲ୍ଲୀ,(ସ୍ୱ.ପ୍ର): ଖୁବଶୀଘ୍ର ଦେଶକୁ ମିଳିବାକୁ ଯାଉଛି ବୁଲେଟ ଟ୍ରେନ । ଦେଶର ରେଳ ବ୍ୟବସ୍ଥାରେ ଯୋଡି ହେବ ନୂଆ ପରିକଳ୍ପନା, ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବୁଠାରୁ ବଡ଼ ସ୍ୱପ୍ନର ପ୍ରକଳ୍ପ । ନୂତନ ବର୍ଷ ଅବସରରେ ଏନେଇ ଏକ ବଡ଼ ଘୋଷଣା କରାଯାଇଛି । ଦେଶ କେବେ ବୁଲେଟ୍ ଟ୍ରେନ୍ ପାଇବ ସେ ବିଷୟରେ ଏକ ଜାତୀୟ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ ଏହି ବଡ଼ ଘୋଷଣା କରିଛନ୍ତି ।

ନୂତନ ବର୍ଷର ପ୍ରଥମ ଦିନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଦେଶ ଅଗଷ୍ଟ ୧୫, ୨୦୨୭ ରେ ପ୍ରଥମ ବୁଲେଟ୍ ଟ୍ରେନ୍ ପାଇବ । ଏହି ସମୟରେ ରେଳମନ୍ତ୍ରୀ ବୈଷ୍ଣବଙ୍କ ମଜାଳିଆ ଢଙ୍ଗ ଦେଖିବାକୁ ମିଳିଥିଲା । ଏହି ସମୟରେ ସେ କହିଥିଲେ, 'ବୁଲେଟ୍ ଟ୍ରେନ୍ ଟିକେଟ୍ କିଣନ୍ତୁ । ବୁଲେଟ୍ ଟ୍ରେନ୍ ଆସନ୍ତା ବର୍ଷ ଆସିବ ।' ବୁଲେଟ୍ ଟ୍ରେନ୍ ପାଇଁ ନିର୍ମିତ ମୁମ୍ବାଇ-ଅହମ୍ମଦାବାଦ ହାଇ-ସ୍ପିଡ୍ ରେଳ କରିଡର ପ୍ରାୟ ୫୦୮ କିଲୋମିଟର ଲମ୍ବା । ଏଥିରେ ୩୫୨ କିଲୋମିଟର (ଗୁଜୁରାଟ ଏବଂ ଦାଦ୍ରା ଏବଂ ନଗର ହାବେଳୀ) ଏବଂ ମହାରାଷ୍ଟ୍ରରେ ୧୫୬ କିଲୋମିଟର ଅନ୍ତର୍ଭୁକ୍ତ । ଏହି କରିଡର ସାବରମତୀ, ଅହମ୍ମଦାବାଦ, ଆନନ୍ଦ, ଭଦୋଦରା, ଭରୁଚ, ସୁରତ, ବିଲିମୋରା, ଭାପି, ବୋଇସର, ଭିରାର, ଥାନେ ଏବଂ ମୁମ୍ବାଇ ସମେତ ପ୍ରମୁଖ ସହର ଗୁଡ଼ିକୁ ସଂଯୋଗ କରିବ । ୧୬ ନଭେମ୍ବର ୨୦୨୫ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁରଟରେ ନିର୍ମାଣାଧୀନ ବୁଲେଟ୍ ଟ୍ରେନ୍ ଷ୍ଟେସନ ପରିଦର୍ଶନ କରିଥିଲେ । ଏହି ସମୟରେ ସେ ମୁମ୍ବାଇ-ଅହମ୍ମଦାବାଦ ହାଇ ସ୍ପିଡ୍ ରେଳ କରିଡର ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ବୁଲେଟ୍ ଟ୍ରେନ୍ ଷ୍ଟେସନ ନିର୍ମାଣରେ ନିୟୋଜିତ ଶ୍ରମିକ ମାନଙ୍କ ସହିତ ମଧ୍ୟ ସାକ୍ଷାତ କରିଥିଲେ । ସେ ଶ୍ରମିକମାନଙ୍କୁ କହିଥିଲେ ଯେ ବୁଲେଟ୍ ଟ୍ରେନ୍ ଆମର ପରିଚୟ । ଏହି ସଫଳତା ଆମର, ଆପଣମାନଙ୍କର ଏବଂ ସରକାରଙ୍କର । ପ୍ରଧାନମନ୍ତ୍ରୀ ମୋଦୀ ଶ୍ରମିକମାନଙ୍କୁ ସେମାନଙ୍କର ସମ୍ମୁଖୀନ ହେଉଥିବା ଅସୁବିଧା ବିଷୟରେ ଏବଂ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ଅନୁଯାୟୀ ଚାଲିଛି କି ନାହିଁ ସେ ବିଷୟରେ ପ୍ରଶ୍ନ କରିଥିଲେ ।

ଜାତୀୟ ଚେତନା
JATIYA CHETANA



# ତାଳଚେର ପାଇଁ ପ୍ରଦୂଷଣ କଟକଣା

ଭୁବନେଶ୍ୱର,(ଜା.ପ୍ର): ତାଳଚେରରେ ବାୟୁ ପ୍ରଦୂଷଣ ଉତ୍କଟ। ଦିଲ୍ଲୀର ବାୟୁ ପ୍ରଦୂଷଣକୁ ମଧ୍ୟ ଟପି ଯାଇଛି। ବାୟୁ ପ୍ରଦୂଷଣରେ ସାରା ଦେଶରେ ତାଳଚେର ସହର ଏକ ନମ୍ବର ହେବା ପରେ ନିୟନ୍ତ୍ରଣ ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଦୂଷଣ ମୁକାବିଲା ପାଇଁ ତାଳଚେରରେ ଲାଗିଛି ୭ ଦିନିଆ କଟକଣା। ପ୍ରଦୂଷଣ ରୋକିବାକୁ ଅନୁଗୁଳ ଜିଲ୍ଲା ପ୍ରଶାସନ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତାଳଚେର ପୌରାଞ୍ଚଳ ପାଇଁ ଜାରି ହୋଇଛି କଡ଼ା ଗାଇଡଲାଇନ। ଗ୍ରାପ ଷ୍ଟେଜ୍-୨ ଗାଇଡ୍ ଲାଇନ୍ ଅନୁସାରେ କଟକଣା ଲାଗିଛି। ସନ୍ଧ୍ୟା ୬ରୁ ସକାଳ ୧୦ ମଧ୍ୟରେ ସମସ୍ତ ନିର୍ମାଣ ବନ୍ଦ ରହିବ। କେବଳ ସେତିକି ନୁହେଁ ଦିନକୁ ୩ ଥର ପାଣି ସିଞ୍ଚନ ପାଇଁ ପୌରପାଳିକା, ଏନ୍‌ଏଚ୍‌ଏଆଇ ଓ ଏମ୍‌ସିଏଲ୍‌କୁ ପରାମର୍ଶ ଦିଆଯାଇଛି। ତାଳଚେର ସହର ଭିତରକୁ ସମ୍ପୂର୍ଣ୍ଣ



ବାରଣ କରାଯାଇଛି ଭାରୀ ଯାନ ପ୍ରବେଶ। ଢାବାରେ କୋଇଲା ଜାଳେଣି, ଆବର୍ଜନା ପୋଡ଼ିବା ସମ୍ପୂର୍ଣ୍ଣ ମନା। କୋଇଲା ଓ ପାଉଁଶ ଟ୍ରକ୍ ଉପରେ କଟକଣା ପାଇଁ ଉପଜିଲ୍ଲାପାଳ ଓ ଆରଟିଓକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୭ ଦିନ ପାଇଁ ଗାଇଡଲାଇନ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନୁଗୁଳ ଜିଲ୍ଲାପାଳ ପୁଲିସ, ପୌରପାଳିକା, କାର୍ଯ୍ୟନିର୍ବାହୀ ସଂସ୍ଥା ଓ ଆରଟିଓକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତାଳଚେର ଓ ଅନୁଗୁଳ ଦେଶର ସବୁଠୁ ପ୍ରଦୂଷିତ ସହର ତାଲିକାରେ ରହିଛି। ଦେଶର ୬ ସହରର ଏକ୍ୟୁଆଇ ସକାଳ ୯ଟା ସୁଦ୍ଧା ୩୦୦ ପାର କରି ଅତି ଖରାପ ସ୍ତରରେ ପହଞ୍ଚିଥିଲା। ଏହି ୬ ସହର ମଧ୍ୟରେ ଓଡ଼ିଶାର ୪ଟି ସହର ରହିଥିଲା। ଅନ୍ୟପକ୍ଷରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବରିଷ୍ଠ ବୈଜ୍ଞାନିକ କହିଛନ୍ତି ଯେ ଭୁବନେଶ୍ୱରରେ ବିଶେଷ କରି ବିଲଡିଂ ନିର୍ମାଣ ସହିତ ଗାଡି ଚାଳନା ଆଦି ପାଇଁ ପ୍ରଦୂଷଣ ବଢୁଛି । ଏହାର ପ୍ରତିକାର ପାଇଁ ବିଏମସି କିମ୍ବା ଜିଲ୍ଲାସ୍ତରର ଅଧିକାରୀଙ୍କୁ ମଧ୍ୟ ଏହାର ପ୍ରତିକାର ପାଇଁ ଚିଠି କରାଯାଇଛି। ଜଳ ସିଞ୍ଚନ କରାଯିବା ନେଇ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ୧୫୧ ପଦବୀ ଯୋଡ଼ି ସାନି ବିଜ୍ଞପ୍ତି ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ସିଭିଲ୍ ସର୍ଭିସେସ୍(ଓସିଏସ୍)ଆଶାୟୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓସିଏସ୍ ବିଜ୍ଞପ୍ତିରେ ସାମିଲ ହେଲା ଓଏଏସ୍, ଓଆରଏସ୍। ଗତ ୩୧ ତାରିଖରେ ବାହାରିଥିବା ବିଜ୍ଞପ୍ତିରେ ଓଏଏସ୍, ଓଆର୍‌ଏସ୍ ପଦବୀ ନଥିବାରୁ ପ୍ରବଳ ଅସନ୍ତୋଷ ଝାଡ଼ିଥିଲେ ଆଶାୟୀ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓସିଏସ ପରୀକ୍ଷାରେ ସାମିଲ ହୋଇଛି ଓଏଏସ୍, ଓଆରଏସ୍। ୧୪ ଓଏଏସ, ୧୧୩ ଓଆରଏସ ସମେତ ଅତିରିକ୍ତ ୧୫୧ ପଦବୀ ଯୋଡ଼ି ସାନି ବିଜ୍ଞପ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଖୁସି ପ୍ରକାଶ କରିଛନ୍ତି ଆଶାୟୀ। ନିକଟରେ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ୨୦୨୫ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା। ହେଲେ ଏଥିରେ ଓଏଏସ୍, ଓଆରଏସ୍ ଆଦି କେତେକ କ୍ୟାଡରରେ ଆଦୌ ପଦବୀ ନଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବାର ଖବର ପ୍ରକାଶିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ଜାଣିବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଏହି ସବୁ ପଦବୀ ସମ୍ପର୍କରେ ସମୀକ୍ଷା କରି ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ଫଳରେ ଓଡ଼ିଶା ପ୍ରଶାସନିକ ସେବାରେ ୧୪ଟି, ଓଡ଼ିଶା ରାଜସ୍ୱ ସେବାରେ ୧୧୩ଟି, ଓଡ଼ିଶା ପରିବହନ ସେବାରେ ୧୬ଟି ଏବଂ ଓଡ଼ିଶା ମଙ୍ଗଳ ସେବାରେ ୮ଟି ପଦବୀ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)କୁ ଅନୁରୋଧ କରାଯାଇଛି। ସମୁଦାୟ ୧୫୧ଟି ଅଧିକ ପଦବୀ ପାଇଁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଏହିସବୁ ପଦବୀ ପାଇଁ ଆଶାୟୀ ଥିବା ଅନେକ ଯୁବକ ଯୁବତୀ ପରୀକ୍ଷା ଦେଇ ନିଜ ଯୋଗ୍ୟତା ବଳରେ ସଫଳତା ହାସଲ କରି ପାରିବେ। ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଏବଂ ଗତ ୧୮ ମାସରେ ପ୍ରାୟ ୪୦ ହଜାର ସରକାରୀ ପଦବୀ ପୂରଣ ହୋଇସାରିଛି।

# ଫେବୃଆରୀରୁ ଗାଡ଼ିରେ ଲାଗିବ 'ଗ୍ରୀନ୍ ଷ୍ଟିକର୍'

ଭୁବନେଶ୍ୱର,(ଜା.ପ୍ର): ଫେବୃଆରୀ ମାସରୁ ଗାଡ଼ିରେ ଲାଗିବ ଗ୍ରୀନ୍ ଷ୍ଟିକର। ପ୍ରଦୂଷଣ ସାର୍ଟିଫିକେଟ୍ ଥିଲେ ଗାଡ଼ିରେ ଲାଗିବ ସବୁଜ ଷ୍ଟିକର। ଏହି ଷ୍ଟିକର ଦେଖିଲେ ଯାଇ ପେଟ୍ରୋଲ୍ ପମ୍ପରେ ତେଲ ଦେବେ କର୍ମଚାରୀ। ଶନିବାର ଏନେଇ ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଜେନା। ସେ କହିଛନ୍ତି ଯେ ମୋଟର ଭେଇକିଲ୍ ଆକ୍ଟ ଅନୁଯାୟୀ, ଗାଡ଼ିର ସବୁ ପ୍ରକାର ପ୍ରମାଣପତ୍ର ରହିବା କଥା। ସଡ଼କ ସୁରକ୍ଷା ମାସ ଆସୁଥିବାରୁ ପ୍ରଦୂଷଣ ସାର୍ଟିଫିକେଟ୍ କୋହଳ କରାଯାଇଛି। ଯାହାର ପ୍ରଦୂଷଣ ପ୍ରମାଣପତ୍ର ନାହିଁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ଜୋରିମାନା ନେଇ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ, ୨୦୧୯ରେ ଲାଗୁ ହୋଇଥିବା ବର୍ଦ୍ଧିତ ଫାଇନ୍‌ର କୋହଳ ପାଇଁ ତର୍ଜମା କରିବୁ। ସବୁଠୁ ବଡ଼ କଥା ହେଉଛି ନୂଆଗାଡିକୁ ବି ପ୍ରଦୂଷଣ ପ୍ରମାଣପତ୍ର ମିଳୁଛି, ପୁରୁଣାକୁ ବି ପ୍ରଦୂର୍ଷଣ ପ୍ରମାଣପତ୍ର ମିଳୁଛି। ଯାହାର ତର୍ଜମା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ପ୍ରଦୂଷଣ ସାର୍ଟିଫିକେଟକୁ ନେଇ ନବ ନିର୍ମାଣ ଛାତ୍ର ସଙ୍ଗଠନ ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛି। ପ୍ରଦୂଷଣ ପାଇଁ ବିଭିନ୍ନ ଶିଳ୍ପ, କନଷ୍ଟ୍ରକସନ୍ ସାଇଟ୍ ଦାୟୀ ଥିବା ବେଳେ ତାଙ୍କ ଠାରୁ ଫାଇନ୍ ଆଦାୟ ନକରି କେବଳ ଜନସାଧାରଣଙ୍କୁ ଲୁଟୁଥିବା ଛାତ୍ର ସଙ୍ଗଠନ ଅଭିଯୋଗ କରିଛି। ଆଜି ଏହି ପ୍ରସଙ୍ଗରେ ମନ୍ତ୍ରୀଙ୍କ ସହ ଶାନ୍ତି ଆଲୋଚନା କରିବା ପାଇଁ ଆନ୍ଦୋଳନକାରୀମାନେ ନିଜ ହାତକୁ ଗାମୁଛାରେ ବାନ୍ଧି ଆସିଥିବା ବେଳେ ପୁଲିସ ସେମାନଙ୍କୁ ଅଧାବାଟରୁ ଉଠାଇ ନେଇଯାଇଥିଲା। ଏନେଇ ମନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆନ୍ଦୋଳନ କରିବା ସମସ୍ତଙ୍କ ଅଧିକାର। ଜନସାଧାରଣଙ୍କୁ ହଇରାଣ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ଲୋକଙ୍କ ସୁବିଧା ପାଇଁ ନିୟମ ହୋଇଛି। ଏକ ମାସ ପାଇଁ ସଚେତନ କରାଯିବ।

# ଦେଶରେ ପ୍ରସ୍ତାବିତ ନିବେଶର ୨ୟ ସ୍ଥାନରେ ଓଡ଼ିଶା

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ଦ୍ରୁତ ଗତିରେ ଭାରତର ଏକ ପ୍ରମୁଖ ନିବେଶର ଗନ୍ତବ୍ୟ ସ୍ଥଳ ଭାବେ ନିଜକୁ ପ୍ରତିଷ୍ଠା କରୁଛି। ସମ୍ପ୍ରତି ବର୍ଷଗୁଡ଼ିକରେ ରାଜ୍ୟରେ ବଢୁଥିବା ନିବେଶ ପ୍ରସ୍ତାବ ଏବଂ ନିବେଶକଙ୍କ ବଢୁଥିବା ବିଶ୍ୱାସ ଏହାର ଦୃଢ ପ୍ରମାଣ। ଆର୍ଥିକ ବର୍ଷ-୨୬ରେ ମୋଟ୍ୟ ପ୍ରସ୍ତାବିତ ନିବେଶର ୧୩.୧% ଶେୟାର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ଓଡ଼ିଶା, ଯାହା ରାଜ୍ୟର ନୀତିଗତ ସ୍ଥିରତା ଏବଂ ବିକାଶମୁଖୀ ଶାସନ ପ୍ରତି ନିବେଶକଙ୍କ ବର୍ଦ୍ଧିତ ବିଶ୍ୱାସକୁ ପ୍ରତିଫଳିତ କରେ।

୨୦୨୫ ଜାନୁଆରୀରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା – ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍'ରେ ରାଜ୍ୟକୁ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିଲା, ଯେଉଁଥିରେ ୧୨.୮୯ ଲକ୍ଷ କୋଟି ଟଙ୍କାର ୧୪୫ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ନିବେଶ ଧାତବ, ପେଟ୍ରୋକେମିକାଲ, ନବୀକରଣଯୋଗ୍ୟ ଶକ୍ତି, ଆଇଟି, ଟେକ୍ସଟାଇଲ ଏବଂ ଫାର୍ମା ଭଳି ବିବିଧ କ୍ଷେତ୍ରରେ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ରାଜ୍ୟର ନିବେଶକ ଅନୁକୂଳ ନୀତି, ମଜବୁତ ଇନଫ୍ରାଷ୍ଟ୍ରକ୍‌ଚର ଏବଂ ସୁଶାସନ ଯୋଗୁଁ ଓଡ଼ିଶା ଭାରତର ଅଭିବୃଦ୍ଧିର ଇଞ୍ଜିନ ହେବାକୁ ଯାଉଛି। ଡିସେମ୍ବର ୨୦୨୫ରେ ହାଇଦ୍ରାବାଦରେ ଅନୁଷ୍ଠିତ ନିବେଶକ ସମ୍ମିଳନୀରେ ଓଡ଼ିଶାକୁ ୬୭,୦୦୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଛି, ଯାହା ୫୬,୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ। ଏହା ଛଡ଼ା ଫାର୍ମା ଏବଂ ମେଡିକାଲ ଡିଭାଇସ୍ କ୍ଷେତ୍ରରେ ନୂଆ ନୀତି ଯୋଗୁଁ ୭,୦୪୩ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ରାଜ୍ୟ ସରକାର ଆଇଟି, ଗ୍ରିନ ଏନର୍ଜି ଏବଂ ଡିଫେନ୍ସ ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକରେ ବିଶେଷ ନୀତି ପ୍ରଣୟନ କରି ନିବେଶକଙ୍କୁ ଆକର୍ଷଣ କରୁଛନ୍ତି। ଏହି ସବୁ ଉନ୍ନୟନ ଯୋଗୁଁ ଓଡ଼ିଶା ପୂର୍ବତନ ଧାତବ ଉଦ୍ୟୋଗରୁ ବାହାରି ଏକ ବିବିଧତାଯୁକ୍ତ ଅର୍ଥନୀତି ଗଢ଼ି ତୋଳୁଛି। ରାଜ୍ୟର ଯୁବକମାନଙ୍କ ପାଇଁ ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି ହେବାର ଆଶା ଜାଗ୍ରତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ପୂର୍ବୋଦୟ' ଦୃଷ୍ଟିକୋଣରେ ଓଡ଼ିଶା ଭାରତର ଅର୍ଥନୈତିକ ବିକାଶର ମୁଖ୍ୟ କେନ୍ଦ୍ର ହେବାକୁ ଯାଉଛି। ଏହି ନିବେଶ ଧାରା ଜାରି ରହିଲେ ଓଡ଼ିଶା ଶୀଘ୍ର ଭାରତର ଶୀର୍ଷ ନିବେଶ ଗନ୍ତବ୍ୟ ଭାବେ ସ୍ଥାନ ପାଇବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ପ୍ରାଣୀ କଲ୍ୟାଣ ଥିଲା ଗାନ୍ଧୀଜୀଙ୍କ କାର୍ଯ୍ୟଧାରାର କେନ୍ଦ୍ରବିନ୍ଦୁ: ମାନେକା ସଞ୍ଜୀୟ ଗାନ୍ଧୀ

ଭୁବନେଶ୍ୱର,(ଜା.ପ୍ର): ପ୍ରାଣୀ କଲ୍ୟାଣ ମହାତ୍ମା ଗାନ୍ଧୀଙ୍କ ଜୀବନ ଓ କାର୍ଯ୍ୟଧାରାର ମୂଳ କେନ୍ଦ୍ରବିନ୍ଦୁ ଥିଲା। ସେ କେବଳ ଉପଦେଶ ଦେଉନଥିଲେ, ନିଜ ଆଚରଣ ଓ କାର୍ଯ୍ୟରେ ତାହାକୁ ପ୍ରତିଫଳିତ କରୁଥିଲେ। ତେଣୁ ସମସ୍ତ ଜୀବଜଗତ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରିଲେ ହିଁ ଆମେ ଗାନ୍ଧୀଜୀଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିପାରିବା-ଏପରି ମତ ପ୍ରକାଶ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ପରିବେଶବିତ୍ ମାନେକା ସଞ୍ଜୀୟ ଗାନ୍ଧୀ।






ସ୍ଥାନୀୟ ଜୟଦେବ ଭବନଠାରେ ପୂର୍ବତନ ବିଧାୟକ ଓ 'ପାଟକୁରାର ଗାନ୍ଧୀ' ଭାବେ ପରିଚିତ ରାଜକିଶୋର ନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ, ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ 'ଷୋଡ଼ଶ ରାଜକିଶୋର ନାୟକ ସ୍ମାରକୀ ବକ୍ତୃତା ସମାରୋହ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ 'ଗାନ୍ଧୀଜୀ ଓ ପ୍ରାଣୀ କଲ୍ୟାଣ' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି ଶ୍ରୀମତୀ ଗାନ୍ଧୀ ଏହି ମତ ରଖିଥିଲେ। ତାଙ୍କ ବକ୍ତବ୍ୟରେ ଶ୍ରୀମତୀ ଗାନ୍ଧୀ କହିଥିଲେ, 'ଗାନ୍ଧୀ' ଶବ୍ଦଟି ସୁଗନ୍ଧରୁ ଆସିଛି। ଗାନ୍ଧୀଜୀ ନିଜେ ଏକ ସୁଗନ୍ଧିତ ବ୍ୟକ୍ତିତ୍ୱ ଥିଲେ। ସେ ଯେଉଁଠି ଯାଉଥିଲେ, ସେଠାରେ ନୀତି, କରୁଣା ଓ ମାନବିକତାର ସୁଗନ୍ଧ ପ୍ରସାରିତ ହେଉଥିଲା। ପ୍ରାଣୀ କଲ୍ୟାଣ ତାଙ୍କ ଜୀବନର ଅଭିନ୍ନ ଅଂଶ ଥିଲା। ମହାତ୍ମା ଗାନ୍ଧୀଙ୍କ ପ୍ରସିଦ୍ଧ ଉକ୍ତି— 'ଗୋଟିଏ ଦେଶ ନିଜ ଜୀବଜନ୍ତୁଙ୍କ ପ୍ରତି କିପରି ବ୍ୟବହାର କରେ, ତାହା ଦ୍ୱାରା ହିଁ ସେ ଦେଶର ମହାନତା ଓ ନୈତିକ ପ୍ରଗତି ମାପାଯାଇପାରେ'କୁ ଉଦ୍ଧୃତ କରି ସେ କହିଥିଲେ ଯେ, ଜୀବ ସୁରକ୍ଷା ମଣିଷର ନୈତିକ କର୍ତ୍ତବ୍ୟ।

ଶ୍ରୀମତୀ ଗାନ୍ଧୀ କହିଥିଲେ, ଧର୍ମ ସବୁବେଳେ ସମସ୍ତ ଜୀବନ୍ତ ପ୍ରାଣୀକୁ ସମ୍ମାନ ଦେବା ଶିଖାଏ। ଦିନସାରା ନୃଶଂସ ଆଚରଣ କରି ରାତିରେ ଭଗବାନଙ୍କୁ କ୍ଷମା ମାଗିବା-ଏହା ଗାନ୍ଧୀ ଦର୍ଶନ ସହ ସମନ୍ୱୟଶୀଳ ନୁହେଁ। ଗାନ୍ଧୀଜୀ କହୁଥିଲେ, ମଣିଷ ଜନ୍ମଗତ ଭାବେ ଶାକାହାରୀ; ପ୍ରାଣୀ ଜଗତ ଉପରେ ମଣିଷର ଅତ୍ୟାଚାର ସବୁଠାରୁ ବଡ଼ ହିଂସା। କୌଣସି ଜୀବ ପ୍ରତି ନିର୍ଯ୍ୟାତନା ହିନ୍ଦୁତ୍ୱର ଅବମାନନା। ନିଜ ଜୀବନାନୁଭବ ଉଲ୍ଲେଖ କରି ସେ କହିଥିଲେ ଯେ ଯୁବାବସ୍ଥାରେ ସେ ଆମିଷ ଖାଉଥିଲେ, କିନ୍ତୁ ସବୁବେଳେ ଜୀବ ସୁରକ୍ଷାର ପକ୍ଷେ କଥା କହୁଥିଲେ। ତାଙ୍କ ସ୍ୱାମୀଙ୍କ ଏକ ଉପଦେଶ ପରେ ସେ ନିଜ ଆଚରଣ ଉପରେ ଚିନ୍ତନ କରି ସେଇ ରାତିରୁ ଆମିଷ ଖାଦ୍ୟ ସମ୍ପୂର୍ଣ୍ଣ ବର୍ଜନ କରିଥିଲେ।

ରାଜକିଶୋର ନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରୀମତୀ ଗାନ୍ଧୀ କହିଥିଲେ ଯେ, ଜୀବ ସୁରକ୍ଷା କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ 'ପିପୁଲ୍ସ ଫର୍ ଆନିମଲ୍ସ' ପକ୍ଷରୁ ତାଙ୍କୁ ପୂର୍ବରୁ ସମ୍ମାନିତ କରାଯାଇଥିଲା। 'ମହାତ୍ମା ଗାନ୍ଧୀ ଓ ପ୍ରାଣୀ କଲ୍ୟାଣ' ଭିଷୟରେ ଏହି ଆଲୋଚନା ସମଗ୍ର ଭାରତରେ ପ୍ରଥମ ବୋଲି ଉଲ୍ଲେଖ କରି ସେ ଫାଉଣ୍ଡେସନକୁ ସାଧୁବାଦ ଜଣାଇଥିଲେ। ସମାରୋହରେ ଭିତ୍ତି ଭାଷଣ ପ୍ରଦାନ କରି ପ୍ରଫେସର ନିବେଦିତା ମହାନ୍ତି ରାଜକିଶୋର ନାୟକଙ୍କୁ ଏକ ପ୍ରକୃତିପ୍ରେମୀ, ଜୀବଜନ୍ତୁପ୍ରେମୀ ଓ ପରିବେଶ ସଚେତନ ନେତା ଭାବେ ସ୍ମରଣ କରିଥିଲେ। ଏକ ଉନ୍ନତ ଓ ନୈତିକ ସମାଜ ଗଠନ ତାଙ୍କର ସ୍ୱପ୍ନ ଥିଲା ବୋଲି ସେ କହିଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନର କର୍ମକର୍ତ୍ତା ଓ ରାଜକିଶୋର ନାୟକଙ୍କ ପୁତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରି କହିଥିଲେ ଯେ ଯେପର୍ଯ୍ୟନ୍ତ ଗାନ୍ଧୀ ବିଚାରଧାରା ଲୋକମକ୍ଷନସରେ ପ୍ରଭାବ ପହଞ୍ଚାଉଥିବେ, ସେପର୍ଯ୍ୟନ୍ତ ଗାନ୍ଧୀ ଚିରଞ୍ଜୀବୀ ହୋଇ ରହିବେ। ସମାରୋହରେ ସଭାପତିତ୍ୱ କରି ପ୍ରହଲାଦ କୁମାର ସିଂହ, ଗାନ୍ଧୀଜୀଙ୍କ 'ତିନି ମାଙ୍କଡ଼' ଦର୍ଶନ ସ୍ମରଣ କରି ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଫାଉଣ୍ଡେସନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ମଞ୍ଚାସୀନ ଥିଲେ। ଡା. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନୀଳୟକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଜାତୀୟ ଚେତନା
JATIYA CHETANA

# ଭାରତର ସାଗରକେନ୍ଦ୍ର

ସାମଗ୍ରିକ ଭାବେ ମହାକାଶ ଏବଂ ବିଶେଷକରି ଚନ୍ଦ୍ର ଓ ମଙ୍ଗଳ ଉପରେ ବିଗତ ବର୍ଷ ବର୍ଷ ଧରି ଚାଲିଛି ବିବିଧ ଗବେଷଣା। ଏବେ ସେଠାରେ ନିୟମିତ ଭାବେ ମହାକାଶଯାନ ଅବତରଣ କରାଇ ସେଗୁଡ଼ିକର ପୃଷ୍ଠଦେଶଗୁଡ଼ିକରୁ ପୁଙ୍ଖାନୁପୁଙ୍ଖ ପରୀକ୍ଷାନିରୀକ୍ଷା କରାଯାଉଛି। ସେଠାରେ ବସତି ସ୍ଥାପନ କରିବା, କଳକାରଖାନା ବସାଇବା, ସୁଗଭୀର ମହାକାଶକୁ ଯାତ୍ରା କରିବା ଲାଗି କେନ୍ଦ୍ରମାନ ସ୍ଥାପନ କରିବା ଏବଂ ସେଠାରୁ ମୂଲ୍ୟବାନ ସମ୍ପଦସବୁ ଆହରଣ କରିବା ଉଦ୍ଦେଶ୍ୟରେ। ଏହା ବ୍ୟତୀତ ପୃଥିବୀ କକ୍ଷରେ ମହାକାଶ କେନ୍ଦ୍ର ସ୍ଥାପନ କରି, ତନ୍ମଧ୍ୟରେ ମହାକାଶଚାରୀମାନେ ମାସ ମାସ ଧରି ରହି ଗବେଷଣା କରିବା ଲାଗି ବ୍ୟବସ୍ଥା କରାଗଲାଣି। କିନ୍ତୁ ପୃଥିବୀପୃଷ୍ଠର ଏକ ବିଶାଳ ଅଂଶ ହୋଇଥିବା ସମୁଦ୍ର, ମହାସମୁଦ୍ରଗୁଡ଼ିକର ଗଭୀରତମ ପ୍ରଦେଶ ଉପରେ ସେହି ଅନୁରୂପ କାର୍ଯ୍ୟକଳାପ ହୋଇଛି ଅତି ସୀମିତ ରୂପେ। ବିଳମ୍ବରେ ହେଲେ ବି ଏବେ ଏକଥା ଅନୁଭବ କରି ପୃଥିବୀର ଅନେକ ଦେଶ ଏଥିପ୍ରତି ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ମହାକାଶ ଗବେଷଣାରେ ଯଥାଯୋଗ୍ୟ ଅଂଶଗ୍ରହଣ କଲାଭଳି ଭାରତ ମଧ୍ୟ ଏ କ୍ଷେତ୍ରରେ ଯୋଗଦାନ ଦେବାକୁ ଆରମ୍ଭ କରିଛି। ସେଥିପାଇଁ ଆଗାମୀ ୨୦୪୭ ମସିହା ସୁଦ୍ଧା ସମୁଦ୍ରର ୬୦୦୦ ମିଟର (୬ କିଲୋମିଟର) ଗଭୀରତାରେ 'ସାଗର କେନ୍ଦ୍ର'ଟିଏ ସ୍ଥାପନ କରିବାକୁ ଯୋଜନା କରିଛି ନାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜି ବା ଏନ୍‌ଆଇଓଟି ଏହା ହେବ ପୃଥିବୀର ଗଭୀରତମ ପ୍ରଦେଶରେ ସ୍ଥାପିତ ଏପ୍ରକାର କେନ୍ଦ୍ର।

ଭିଜନ-୨୦୪୭ର ଅନ୍ୟତମ ଅଂଶ ହୋଇଥିବା ଏହି କାର୍ଯ୍ୟକ୍ରମ ଏବେ ଆରମ୍ଭ ହୋଇଗଲାଣି। କେନ୍ଦ୍ରଟି ସମ୍ପୂର୍ଣ୍ଣ ହୋଇଗଲା ପରେ ଗବେଷକମାନେ ତନ୍ମଧ୍ୟରେ ରହି ନାନାଦି ଗବେଷଣା କରିବେ। ଏଗୁଡ଼ିକ ମଧ୍ୟରୁ ଗୋଟିଏ ହେବ ଟିଟାନିୟମ ଏବଂ ଏହା ମିଶ୍ରିତ ପଦାର୍ଥରେ ନିର୍ମିତ ସଂରଚନାଟିଏ, ଯାହାକି ୬୦୦୦ ମିଟର ଗଭୀରତା ମଧ୍ୟରେ ୬୦୦ ବାୟୁମଣ୍ଡଳୀୟ ଚାପ ସହ୍ୟ କରିପାରିବ। ପୁନଶ୍ଚ ଏଥିରେ ରହିବ ସମୁଦ୍ରତଳର ଜୀବଜଗତକୁ ପର୍ଯ୍ୟବେକ୍ଷଣ କରିବା ଲାଗି ୩୬୦ ଡିଗ୍ରୀ ସ୍ୱଚ୍ଛଫଳକ, ଅମ୍ଳଜାନ ଓ ତାପମାତ୍ରା ନିୟନ୍ତ୍ରିତ ତଥା ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଲାଗି ବିଜ୍ଞାନାଗାର ପ୍ରକୋଷ୍ଠ। ଏହା ବ୍ୟତୀତ ଏଥିସହିତ ସଂଯୁକ୍ତ ହେବ ଗବେଷଣା ଲାଗି ଜଳ ମଧ୍ୟରେ ବୁଡ଼ି ରହୁଥିବା ବ୍ୟବସ୍ଥାରେ ଡକିଂ ସୁବିଧା ଏବଂ ଯୋଗାଣ ଯାନ ସମେତ ଧ୍ୱନିଭିତ୍ତିକ 'ଫାଇବର-ଅପ୍‌ଟିକ୍ସ' ସଂଯୋଗ ବ୍ୟବହାର କରୁଥିବା ଯୋଗାଯୋଗ ବ୍ୟବସ୍ଥା। ମଣିଷ ସେଠାରେ କିପରି ଦୀର୍ଘକାଳ ଧରି ରହିପାରିବ ତାହା ଉପରେ ମଧ୍ୟ ପରୀକ୍ଷା ନିରୀକ୍ଷା କରାଯିବ।

ଏନ୍‌ଆଇଓଟିର ନିର୍ଦ୍ଦେଶକ ଡ. ବାଲା ରାମକ୍ରିଷ୍ଣନଙ୍କ ସୂଚନା ଅନୁସାରେ ଏଥି ପୂର୍ବରୁ ପ୍ରଥମେ ପରୀକ୍ଷାମୂଳକ ଭାବେ ୫୦୦ ମିଟର ଗଭୀରତାରେ ଛୋଟ 'ସାଗର କେନ୍ଦ୍ର'ଟିଏ ସ୍ଥାପନ କରାଯିବ। ତନ୍ମଧ୍ୟରେ ୩ ଜଣ ବୈଜ୍ଞାନିକ ପ୍ରାୟ ୨୪ ଘଣ୍ଟା ରହି ଏ ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ ଦିଗର ପ୍ରାଥମିକ ପରୀକ୍ଷା କରିବେ। ଅତଏବ ମୂଳ ବ୍ୟବସ୍ଥାଟିକୁ ସଫଳତାର ସହ ସ୍ଥାପନ ଏବଂ ପରିଚାଳନା ଲାଗି ତହିଁରୁ ଦିଗ୍‌ଦର୍ଶନ ମିଳିବ। ବର୍ତ୍ତମାନ ଗଭୀର ସମୁଦ୍ର ତଳେ ଏ ପ୍ରକାର ମାତ୍ର ଗୋଟିଏ ବିଜ୍ଞାନାଗାର କାର୍ଯ୍ୟକ୍ଷମ ରହିଛି। ତାହା ହେଲ ଆମେରିକାର ଫ୍ଲୋରିଡା ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ମିତ ତଥା ପରିଚାଳିତ 'ଆକ୍ୱାରିସ ରିଫ୍ ବେସ୍'। ବିଗତ ୧୯୯୦ ଦଶକରେ ୧୯ ମିଟର ଗଭୀରତାରେ ଅବସ୍ଥାପିତ ଏହି ସାଗରକେନ୍ଦ୍ରଟି ଫ୍ଲୋରିଡାର କି' ଲାର୍‌ଗୋଠାରେ ଏବେ ମଧ୍ୟ କାର୍ଯ୍ୟରତ। ତହିଁରେ ୬ ଜଣ ଗବେଷକ ୧୦ ଦିନ ପର୍ଯ୍ୟନ୍ତ ରହିପାରିବାର ବ୍ୟବସ୍ଥା ଅଛି। ଇତି ମଧ୍ୟରେ ଚାଇନା ଏଭଳି ଏକ କେନ୍ଦ୍ର ସ୍ଥାପନ ଲାଗି କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛି। ଆଗାମୀ ୨୦୩୦ ମସିହା ସୁଦ୍ଧା ଦକ୍ଷିଣ ଚାଇନା ସାଗରରେ ଏହାକୁ ପ୍ରତିଷ୍ଠା କରିବାର ଯୋଜନା ରହିଛି। ଏହା ବ୍ୟତୀତ ଆମେରିକା ୨୦୨୮ ମସିହା ସୁଦ୍ଧା ୨୦ ମିଟର ସମୁଦ୍ର ପୃଷ୍ଠ ତଳେ ଅନ୍ୟ ଏକ 'ସାଗର କେନ୍ଦ୍ର' ସ୍ଥାପନ କରିବାର ଯୋଜନା କଲାଣି। ଏଥିରେ ୧୨ ଜଣ ଗବେଷକ ୩୦ ଦିନ ପର୍ଯ୍ୟନ୍ତ ରହିପାରିବେ। ସେହିପରି ଇଂଲଣ୍ଡ ଓ କେତେକ ୟୁରୋପୀୟ ଦେଶ ମିଳିତ ଭାବେ ୬ ଜଣ ଯାତ୍ରୀ ୨୮ ଦିନ ରହିପାରିବା ଭଳି 'ସାଗର କେନ୍ଦ୍ର'ଟିଏ ୨୦୦ ମିଟର ଗଭୀରତାରେ ୨୦୨୭ ମସିହା ସୁଦ୍ଧା ସ୍ଥାପନ କରିବା ଦିଗରେ ପଦକ୍ଷେପ ଆରମ୍ଭ କରିଛନ୍ତି।

ଆମ ଦେଶ ୨୦୪୭ ମସିହା ସୁଦ୍ଧା ପ୍ରତିଷ୍ଠା କରିବାକୁ ଥିବା 'ସାଗରକେନ୍ଦ୍ର'ର ନାମ ରହିବ 'ମତ୍ସ୍ୟ-୬୦୦୦' ଏବଂ ଏହା ପ୍ରତିଷ୍ଠିତ ହେବ ଭାରତ ମହାସାଗର ମଧ୍ୟରେ। ଏହାର ଡିଜାଇନଟି ଅତି ଜଟିଳ। କାରଣ ମରାମତି ପାଇଁ ଏହାକୁ ବିଭିନ୍ନ ସମୟରେ ଜଳସ୍ତରର ଉପରକୁ ଆଣିବାକୁ ପଡ଼ିବ ଏବଂ ପୁନର୍ବାର ସମୁଦ୍ର ଚଟାଣକୁ ନେଇ ଦୃଢ଼ ଭାବେ ଅବସ୍ଥାପିତ କରିବାକୁ ହେବ। ପୁନଶ୍ଚ ଏହାର କାର୍ଯ୍ୟକ୍ରମ ମଧ୍ୟ ହେବ ଅତି ବ୍ୟାପକ। ସେଗୁଡ଼ିକ ମଧ୍ୟରେ ରହିବ:-୧) ସାମୁଦ୍ରିକ ଜୈବ ବିବିଧତା ଅଧ୍ୟୟନ- ଗଭୀର ସମୁଦ୍ର ତଳର ବିରଳ ଜୀବ ଶ୍ରେଣୀର ଆବିଷ୍କାର, ସେଗୁଡ଼ିକର ଅଧ୍ୟୟନ ଏବଂ ସେଠାର ସୂକ୍ଷ୍ମଜୀବମାନଙ୍କଠାରୁ ଜୈବ ସକ୍ରିୟ ଯୌଗିକମାନ ସନ୍ଧାନ। ୨) ଜୈବ ପ୍ରଯୁକ୍ତି ବିଦ୍ୟା- ଅତ୍ୟଧିକ ପ୍ରତିକୂଳ ପରିବେଶ ମଧ୍ୟରେ କାର୍ଯ୍ୟ କଲାଭଳି ଏଞ୍ଜାଇମ୍ ବହନ କରୁଥିବା ଜୀବମାନଙ୍କ ସନ୍ଧାନ ଏବଂ ତାହା ସେମାନଙ୍କଠାରୁ ଆହରଣ। ୩) ଭୂ-ବିଜ୍ଞାନ ସମ୍ପର୍କରେ ଗବେଷଣା- ସମୁଦ୍ର ତଳର ଚଟାଣରେ 'ଟେକ୍ଟୋନିକ୍' ଏବଂ ଆଗ୍ନେୟଗିରି ସମ୍ବନ୍ଧିତ କ୍ରିୟାକଳାପ ଅଧ୍ୟୟନ। ୪) ମଣିଷ ଉପରେ ପ୍ରଭାବ- ସମୁଦ୍ରର ଗଭୀରତମ ପ୍ରଦେଶରେ ଅଧିକ କାଳ ବସବାସ କଲେ ସେଠାରେ ଉଚ୍ଚ ଚାପ ବିଶିଷ୍ଟ ପରିବେଶର ମଣିଷ ଶରୀର ଓ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଅଧ୍ୟୟନ।

ଏହି ଯୋଜନାଟି ପ୍ରାଥମିକ ଅବସ୍ଥାରେ ଆମ ଦେଶର ଗଭୀର ସମୁଦ୍ର ମଧ୍ୟରେ ବିବିଧ ଅନୁସନ୍ଧାନ ଏବଂ ସାମୁଦ୍ରିକ ସଂସାଧନର ସଂଗ୍ରହ ପ୍ରକ୍ରିୟାକୁ ବିକଶିତ କରିବା ଦିଗରେ କାର୍ଯ୍ୟରତ। ଡିପ୍ ଓସେନ ମିଶନ ଅଧୀନରେ କାର୍ଯ୍ୟକାରୀ ହେବ। ଏଥିରେ ସଫଳତା ମିଳିସାରିଲା ପରେ ଆମ ଦେଶ ଏହାର ଏକ ସ୍ୱତନ୍ତ୍ର ଅଂଶ ସ୍ୱରୂପ ଆରମ୍ଭ କରିବ। ତା'ର ସମୁଦ୍ରାୟନ ମିଶନ। ତପୂରେ ଅଧିକ ସାଗର କେନ୍ଦ୍ରମାନ ପ୍ରତିଷ୍ଠା ଏବଂ ଗଭୀର ସମୁଦ୍ର ତଥା ତା'ର ଚଟାଣକୁ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରାଯିବ।

# ଭାରତୀୟ ସଂସ୍କୃତିରେ ପରିବର୍ତ୍ତନ

## ମୃତ୍ୟୁଞ୍ଜୟ ପରିଡ଼ା



ଆକ୍ରମଣ ଏବଂ ଦେଶାନ୍ତର ଗମନ ମଧ୍ୟରେ ପାର୍ଥକ୍ୟ ରହିଛି। ସାଧାରଣତଃ କୌଣସି ଦେଶ ଉପରେ ଆକ୍ରମଣକରି ଆକ୍ରମଣକାରୀ ସେଠାରୁ ଧନ ଲୁଟିନିଏ ଏବଂ ଲୋକଙ୍କୁ ତାହାର ପ୍ରଜା ବୋଲି ଗଣିଥାଏ। ଏଭଳି ଆକ୍ରମଣ ଦେଶର ଅର୍ଥନୈତିକ ତଥା ରାଜନୈତିକ ବ୍ୟବସ୍ଥାକୁ ନିୟନ୍ତ୍ରଣକରି ସଂସ୍କୃତିକୁ ବଦଳାଇ ଦେଇପାରେ। ଅନ୍ୟପକ୍ଷରେ ଦେଶାନ୍ତର ଗମନ ଅର୍ଥାତ୍ ଲୋକେ ସେମାନଙ୍କ ମୂଳ ସ୍ଥାନରୁ ନୂତନ ସ୍ଥାନକୁ ଯାଇ ସେଠାକାର ପରିବେଶ ସହ ଖାପଖୁଆଇ ଜୀବନ ନିର୍ବାହ କରିଥାନ୍ତି। ହେଲେ ସମୟକ୍ରମେ ପ୍ରବାସୀ ଓ ମୂଳବାସୀଙ୍କ ସଂସ୍କୃତି ମଧ୍ୟରେ ବିଭେଦ ଦେଖାଦେଇ ଉତ୍ତେଜନା ପ୍ରକାଶ ପାଏ। ଏହା ଏବେ କେତେକ ଦେଶରେ ଦେଖାଗଲାଣି। ଉଦାହରଣ ସ୍ୱରୂପ, ମୁସଲମାନ ପ୍ରବାସୀମାନେ ବ୍ରିଟେନ୍‌ରେ ହିଂସା ସୃଷ୍ଟିକରିବା ସହ ଅନେକ ୟୁରୋପୀୟ ଦେଶରେ ଅଶାନ୍ତିର କାରଣ ପାଲଟୁଥିବା ଦେଖାଗଲାଣି। ଆକ୍ରମଣ କହିଲେ ଲୁଣ୍ଠନ, ଉପନିବେଶବାଦ ଏବଂ ସାମ୍ରାଜ୍ୟବାଦ ପ୍ରତିଷ୍ଠାକୁ ସୂଚିତକରେ। ଲୁଣ୍ଠନକାରୀ ଆକ୍ରମଣକରି ଧନ ନେଇ ଚାଲିଯାଆନ୍ତି, ସେମାନେ ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥାକୁ ନିୟନ୍ତ୍ରଣକରି ରଖିବାକୁ ଚାହାନ୍ତି ନାହିଁ, ଯାହା ଘଟିଥିଲା ଗଜ୍‌ନୀର ମହମ୍ମଦଙ୍କ କ୍ଷେତ୍ରରେ। ଆଜକୁ ହଜାରେ ବର୍ଷ ପୂର୍ବେ ସେ ଭାରତକୁ ଲୁଣ୍ଠନକରି ଚାଲିଯାଇଥିଲେ। ଉପନିବେଶବାଦୀମାନେ କୌଣସି ଦେଶକୁ ପ୍ରବେଶକରି ସେଠାକର ରାଜନୈତିକ ଓ ଆର୍ଥିକ ବ୍ୟବସ୍ଥା ନିୟନ୍ତ୍ରଣକୁ ନେଇ ଶାସକ ପାଲଟିଯାଆନ୍ତି। ଉଦାହରଣ ସ୍ୱରୂପ ତୁର୍କୀର ସମ୍ରାଟ ମୁଇଜାଦ୍-ଦିନ୍ ମହମ୍ମଦ ଘୋରୀଙ୍କ ମୃତ୍ୟୁ ପରେ ତାଙ୍କ ସେନାଧ୍ୟକ୍ଷ ମାମୁଲୁକ କୁତୁବୁଦ୍ଦିନ୍ ଆଇବେକ୍‌ଙ୍କ ଦିଲ୍ଲୀ ସୁଲତାନ ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ମୋଗଲଙ୍କର ରାଜପୁତଙ୍କ ସହ ସମ୍ପର୍କ ବଢ଼ିଲା, ଏପରିକି ବୈବାହିକ ସମ୍ପର୍କ ବୃଦ୍ଧିପାଇଲା। ଫଳରେ ମୋଗଲମାନେ ନିଜକୁ ବିଦେଶୀ ମନେ ନ କରି ସ୍ଥାନୀୟ ଲୋକ ବୋଲି ଭାବିନେଲେ। ଏଭଳି ଭାବନାକୁ ଭାରତର ଅନେକ ମୂଳ ଭାରତୀୟ ଗ୍ରହଣ କରିପାରୁ ନ ଥିଲେ। ସାମ୍ରାଜ୍ୟବାଦୀମାନେ ନିଜ ଦେଶକୁ ଧନ ଆଣିବା ସକାଶେ ଦୂର ଦେଶରେ ଶାସନ କରନ୍ତି, ଯାହା ବ୍ରିଟେନ ଏବଂ ଇଟାଲୀ କ୍ଷେତ୍ରରେ ଦେଖିବାକୁ ମିଳିଛି।

ଭାରତକୁ ବିଭିନ୍ନ ସମୟରେ ଅନ୍ୟ ଦେଶର ଲୋକେ ଆସିଛନ୍ତି। ଆଦି ମାନବ ଆଫ୍ରିକାର ମୂଳ ବାସିନ୍ଦା ଏବଂ ସେମାନେ ୬୦,୦୦୦ ବର୍ଷ ପୂର୍ବେ ସେଠାରୁ ଆସି ପ୍ରଥମେ ଭାରତରେ ପହଞ୍ଚିଥିଲେ। ୧୦,୦୦୦ ବର୍ଷ ପୂର୍ବେ ଇରାନୀୟ କୃଷକଙ୍କ ପୂର୍ବପୁରୁଷମାନେ ଭାରତ ଆସିଥିଲେ। ସେମାନେ ଭାରତରେ ଗହମ ଓ ବାର୍ଲି ଚାଷ ଆରମ୍ଭ କରିଥିଲେ। ସେହିଭଳି ୪,୦୦୦ ବର୍ଷ ପୂର୍ବେ ଦକ୍ଷିଣ ପୂର୍ବ ଏସିଆରୁ 'ମୁଣ୍ଡା'ମାନେ ଭାରତକୁ ଆସି ରୁଆ ପ୍ରଣାଳୀରେ ଧାନଚାଷ ଆରମ୍ଭ କରିଥିଲେ। ଏହାପରେ ପାଖାପାଖି ୩,୫୦୦ ବର୍ଷ ପୂର୍ବେ ଆର୍ଯ୍ୟମାନେ ଘୋଡ଼ା ନେଇ ଭାରତକୁ ଆସିଥିଲେ। ବିଶେଷକରି ଏହିସବୁ ଦେଶାନ୍ତର ଗମନ ଆନୁବଂଶିକ ଓ ଭାଷା ଅଧ୍ୟୟନରୁ ଜାଣିବାକୁ ମିଳେ।

ଖ୍ରୀଷ୍ଟପୂର୍ବ ୬ଷ୍ଠରୁ ୪ର୍ଥ ଶତାବ୍ଦୀ ମଧ୍ୟରେ ପାରସ୍ୟ ସମ୍ରାଟ ସାଇରସ୍ ଦି ଗ୍ରେଟ୍ ଏବଂ ପରେ ଡାରିଅସ୍ ୱାନ୍ କ୍ରମାଗତ ଉତ୍ତର-ପଶ୍ଚିମ ଭାରତ ଉପରେ ଆକ୍ରମଣ କରି ଦଖଲ କରିନେଇଥିଲେ। ଏହାସହ ମୌର୍ଯ୍ୟ ଏବଂ ଗୁପ୍ତ ସାମ୍ରାଜ୍ୟ ପାରସ୍ୟ ପ୍ରଶାସନର କେନ୍ଦ୍ରୀଭୂତ ଅମଲାତନ୍ତ୍ର ବ୍ୟବସ୍ଥାକୁ ଗ୍ରହଣ କରିଥିଲେ। ସେହି ସମୟରେ ବ୍ରାହ୍ମୀ ଲିପି ଉଦ୍ଭାବନ ହୋଇଥିଲା ଏବଂ ତାହା ଭାରତରୁ ଦକ୍ଷିଣ ପୂର୍ବ ଏସିଆକୁ ବ୍ୟାପିଥିଲା। ଏହି ସମୟରେ ରାଜାମାନେ ପାର୍ସୀ ସମ୍ରାଟଙ୍କ ଭଳି ନିଜ ଶକ୍ତି ସୂଚିତ କରିବା ଲାଗି ସ୍ତମ୍ଭ ନିର୍ମାଣ କରିଥିଲେ। ପରେ ଖ୍ରୀଷ୍ଟପୂର୍ବ ୩୦୦ରୁ ଖ୍ରୀଷ୍ଟାବ୍ଦ ୩୦୦ ମଧ୍ୟରେ ବିଦେଶରୁ ଅନେକ ଜନଜାତି ଯଥା ଗ୍ରୀକ୍ସ (ଯବନ), ସ୍କିଥିଆନ (ସାକସ୍), ପାର୍ଥିଆନ (ପଲ୍ଲଭ) ଏବଂ ୟୁହେ-ଚି (କୁଶାଣ) ଭାରତକୁ ଆସିଥିଲେ। ସେମାନେ ଗଙ୍ଗା ନଦୀ ଅବବାହିକାରୁ ହିନ୍ଦୁକୁଶ ପର୍ବତ ଦେଇ ଇରାନ ପର୍ଯ୍ୟନ୍ତ ବ୍ୟାପିଥିବା ବାଣିଜ୍ୟ ପଥକୁ ନିୟନ୍ତ୍ରଣ କରିବାକୁ ଚାହିଁଥିଲେ। ଏମାନଙ୍କ ମଧ୍ୟରୁ ଅନେକେ ବୌଦ୍ଧ ଓ ଜୈନ ଧର୍ମ ଗ୍ରହଣ କରିବା ସହ ବାଣିଜ୍ୟ କାରବାରକୁ ସୁଗମ କରିବା ସକାଶେ ମୁଦ୍ରା ପ୍ରଚଳନ କରିପାରିଥିଲେ। ପଞ୍ଚମ ଶତାବ୍ଦୀରେ ଗୁପ୍ତ ସାମ୍ରାଜ୍ୟ ସମୟରେ ହୁଣ (ହୁନ୍)ମାନେ ମଧ୍ୟ-ଏସିଆରୁ ଭାରତକୁ ଆସିଥିଲେ। ସେମାନେ ଗୁପ୍ତ ସାମ୍ରାଜ୍ୟକୁ ଦୁର୍ବଳ କରିଦେବା ସହ ବୌଦ୍ଧମଠଗୁଡ଼ିକର ପତନର କାରଣ ହୋଇଥିଲେ। ସେହି ସମୟରେ ଭାରତର ବାଣିଜ୍ୟିକ ଭାଗୀଦାରି ରୋମ୍ ସାମ୍ରାଜ୍ୟର ପତନ ମଧ୍ୟ ଘଟିଥିଲା। ଫଳରେ ବ୍ୟବସାୟୀଙ୍କ ଗୁରୁତ୍ୱ କମିଗଲା ଓ କୃଷିର ଉନ୍ନତି ଘଟିଲା। ସମୟକ୍ରମେ ବୌଦ୍ଧଧର୍ମ -ବାଣିଜ୍ୟ ଆଧାରିତ ସଂସ୍କୃତି ବ୍ରାହ୍ମଣକୈନ୍ଦ୍ରିକ କୃଷ ତଥା ମନ୍ଦିର ସଂସ୍କୃତିକୁ ପରିବର୍ତ୍ତନ ହୋଇଥିଲା। ଫଳରେ ସଂସ୍କୃତ ଦରବାରି ଭାଷା ହୋଇ ଆଫଗାନିସ୍ତାନ ଓ ଭିଏତ୍‌ନାମକୁ ବ୍ୟାପିଥିଲା।

ସପ୍ତମ ଶତାବ୍ଦୀରେ ଆରବରେ ଇସ୍‌ଲାମର ଉତ୍‌ଥାନ ଘଟିଥିଲା। ନାବିକମାନଙ୍କ ଦ୍ୱାରା ଏହା ଉପକୂଳ ଭାରତରେ ପହଞ୍ଚିଥିଲା, ଯେଉଁଥିପାଇଁ ଗୁଜରାଟ, କୋଙ୍କଣ ଏବଂ କେରଳର ପଶ୍ଚିମ ଉପକୂଳରେ ପୁରାତନ ମସ୍‌ଜିଦ ଦେଖିବାକୁ ମିଳେ। ଦ୍ୱାଦଶ ଶତାବ୍ଦୀ ସୁଦ୍ଧା ମଧ୍ୟ-ଏସୀୟ ସେନାଧ୍ୟକ୍ଷମାନେ ପ୍ରଥମେ ଇସ୍‌ଲାମ ଧର୍ମ ଗ୍ରହଣକରି ଦିଲ୍ଲୀ ସହରରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ଏବଂ ଅର୍ଥନୈତିକ ବ୍ୟବସ୍ଥା ହାତକୁ ନେଇଥିଲେ। ସେମାନେ ମଧ୍ୟ ଆଇନ ବ୍ୟବସ୍ଥାକୁ ନିୟନ୍ତ୍ରଣକୁ ନେଇଥିଲେ, ଯାହା ଏକ ପ୍ରକାର ଆକ୍ରମଣ ଥିଲା। ଏଭଳି ପଦକ୍ଷେପ ସବୁ ଥିଲା ଏକ ନୂତନ ଚିନ୍ତାଧାରା। ଏତିକିବେଳେ ସଂସ୍କୃତ ପରିବର୍ତ୍ତେ ପାର୍ସୀ ଦରବାରି ଭାଷା ହୋଇଥିଲା। ତୁର୍କୀ, ପାର୍ସୀ ଏବଂ ଆଫଗାନଙ୍କ ସପକ୍ଷରେ ବ୍ରାହ୍ମଣମାନେ ରହିବା ଯୋଗୁ ମନ୍ଦିର ପ୍ରତି ଲୋକଙ୍କ ସମର୍ଥନ କମିବାକୁ ଲାଗିଲା। ମସ୍‌ଜିଦ ଏବଂ ରାଜକୀୟ କବର ନିର୍ମାଣ ବୃଦ୍ଧିପାଇଥିଲା। ଅଧିକ ବିକେନ୍ଦ୍ରୀକୃତ ପୁରାତନ ରାଜମଣ୍ଡଳ ବ୍ୟବସ୍ଥା ବଦଳରେ କେନ୍ଦ୍ରୀକୃତ ପାର୍ସୀ ବ୍ୟବସ୍ଥା ସାମ୍ନାକୁ ଆସିଥିଲା। ତୁର୍କୀମାନେ କାଗଜ ଏବଂ କଲମର ବ୍ୟବହାର ଜାଣିଥିଲେ। ଫଳରେ ଭାରତରେ ପୂର୍ବରୁ ବ୍ୟବହାର କରାଯାଉଥିବା ପଥର, ତମ୍ବା ଗଛଛାଲି ଏବଂ ବରଡ଼ାପତ୍ର ବଦଳରେ ଅଧିକ ବ୍ୟବହାର ହେଲା।

ଗୋଆ ୧୫୧୦ରେ ବିଜାପୁର ସାମ୍ରାଜ୍ୟ ଅଧୀନକୁ ଚାଲିଗଲା ପରେ ପର୍ତ୍ତୁଗୀଜ ଉପନିବେଶବାଦ ଆରମ୍ଭ ହୋଇଥିଲା। ପର୍ତ୍ତୁଗୀଜମାନେ ପଶ୍ଚିମ ଉପକୂଳ ଏବଂ ପଶ୍ଚିମ ସମୁଦ୍ରକୁ ନିୟନ୍ତ୍ରଣକୁ ନେଇଗଲେ ଓ ଟିକସ ଆଦାୟ କଲେ, ଯାହା ପୂର୍ବରୁ କେବେ ବି ଏଭଳି ଘଟି ନ ଥିଲା। ସେମାନେ ଖ୍ରୀଷ୍ଟିଆନ ମିଶନ ଏବଂ ପ୍ରିଣ୍ଟିଂ ପ୍ରେସ୍ ଆରମ୍ଭ କରିଥିଲେ ଓ ସ୍ଥାନୀୟ ଭାଷାଗୁଡ଼ିକ ଅନୁବାଦ ଲେଖା ପ୍ରକାଶ କରିଥିଲେ। ପର୍ତ୍ତୁଗୀଜଙ୍କୁ ଡଚ୍, ଫ୍ରାନ୍ସ ଏବଂ ଇଂଲଣ୍ଡ ଅନୁସରଣକରି ଗଣିତ, ପ୍ରମାଣ ଆଧାରିତ ନୂତନ ବିଜ୍ଞାନ ଚିନ୍ତାଧାରାକୁ ସାମ୍ନାକୁ ଆଣିଥିଲେ। ପର୍ତ୍ତୁଗୀଜମାନେ ଶିଳ୍ପ ବିପ୍ଳବ ଆଣିଥିଲେ। ସମଗ୍ର ବିଶ୍ୱରେ ପୁରାତନ କୃଷି ଏବଂ ସାମନ୍ତବାଦ ବ୍ୟବସ୍ଥାର ପରିବର୍ତ୍ତନ ଆଣିଥିଲେ, ଯାହା ବିଶେଷକରି ଅଷ୍ଟାଦଶ ଶତାବ୍ଦୀରେ ତୀବ୍ର ହୋଇଥିଲା ଯେତେବେଳେ ଦିଲ୍ଲୀକୁ ଇରାନର ନାଦିର ଶାହା ଲୁଣ୍ଠନ କରିଥିଲେ। ତା'ପରେ ଅହମ୍ମଦ ଶାହା ଅବ୍‌ଦଲି ଆସିଥିଲେ। ଏହିସବୁ ଘଟଣାରୁ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ମୋଗଲ ସାମ୍ରାଜ୍ୟର ଦୁର୍ବଳତାକୁ ପରଖି ଉପନିବେଶବାଦର ପ୍ରସାର କରିପାରିଥିଲା। ଏହିଭଳି ଭାବେ ବିଭିନ୍ନ ସମୟରେ ଭାରତକୁ ବହୁ ସ୍ଥାନରୁ ଲୋକେ ଆସି ଆକ୍ରମଣ କରିଥିଲେ ଏବଂ ଭାରତୀୟ ସଂସ୍କୃତିର ପରିବର୍ତ୍ତନ ଘଟାଇଥିଲେ।

ଜାତୀୟ ଚେତନା
JATIYA CHETANA



## ନୂଆ ମୁଖ୍ୟସଚିବଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୧୫ ଟାସ୍କ

# ଅପାରଗଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ



ଭୁବନେଶ୍ୱର,(ଜା.ପ୍ର): ୨୦୨୬ରେ ରାଜ୍ୟ ସରକାରଙ୍କ ଆଗରେ କ'ଣ ରହିବ ଚାଲେଞ୍ଜ। ପୁଣି ନୂଆ ବର୍ଷରେ ଦାୟିତ୍ୱ ନେଇଥିବା ମୁଖ୍ୟ ଶାସନ ସଚିବଙ୍କ ପାଖରେ ପ୍ରଶାସନିକ କଳରେ ଆହ୍ୱାନ କ'ଣ ? ନିର୍ବାଚନ ପ୍ରତିଶ୍ରୁତି ପୂରଣ ବାଦ୍ ସରକାରଙ୍କ ପାଇଁ ଏ ବର୍ଷ ସବୁଠି ବଡ଼ ଚାଲେଞ୍ଜ ହେବ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ। ଦୁର୍ନୀତିରେ ରୋକ ବି ବଡ଼ ଆହ୍ୱାନ ରହିବ। ଆଉ ଏ ଭିତରେ ଓଡ଼ିଶା ପ୍ରଶାସନକୁ ଆହୁରି ଗତିଶୀଳ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ୧୫ ସୂତ୍ରୀ ଟାସ୍କ ଦେଇଛନ୍ତି। ଆଜିଠୁ କାର୍ଯ୍ୟାରମ୍ଭ କରିଛନ୍ତି ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ଆଉ ପ୍ରଥମ ଦିନରେ ହିଁ ଓଡ଼ିଶା ପ୍ରଶାସନକୁ ଦକ୍ଷ ଓ କ୍ରିୟାଶୀଳ କରିବା ପାଇଁ ଶ୍ରୀମତୀ ଗର୍ଗଙ୍କୁ ୧୫ଟି ଟାସ୍କ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ଓଡ଼ିଶା ଭିଜନ ଡକ୍ୟୁମେଣ୍ଟରେ ଆସନ୍ତା ୨ବର୍ଷ ପାଇଁ ସରକାର ରେଖାଙ୍କିତ ଲକ୍ଷ୍ୟକୁ ହାସଲ କରିବା ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତି ସହିତ ସମୃଦ୍ଧ ଓଡ଼ିଶା ଗଠନ ଏବଂ ରାଜ୍ୟକୁ ଶ୍ରେଷ୍ଠ ୫ଟି ବିକଶିତ ରାଜ୍ୟ ମଧ୍ୟରେ ଆଣିବାକୁ ଏକ 'ମିଶ୍ରିତ ଅର୍ଥନୀତି' ଆଡ଼କୁ ନେବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଜ୍ଞାନ-ପରିଚାଳିତ ଶିଳ୍ପ ତଥା ସେବା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇ ଏହାର ଦ୍ରୁତ ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଶିଳ୍ପାୟନର ଦୃତ ବିକାଶ ପାଇଁ ସବୁ ଜିଲ୍ଲାପାଳଙ୍କୁ ବିଭିନ୍ନ ପ୍ରକ୍ରିୟାକୁ ଫାଷ୍ଟଟ୍ରାକ୍ କରିବାକୁ ଏହି ନିର୍ଦ୍ଦେଶାବଳୀରେ ଗୁରୁତ୍ୱ ଆରୋପ କରାଯାଇଛି। ସେହିପରି ଆସନ୍ତା ୨ବର୍ଷ ମଧ୍ୟରେ ସବୁ ଖାଲିଥିବା ସରକାରୀ ପଦ ପଦବୀକୁ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷ ଏବଂ ପ୍ରଶିକ୍ଷିତ ଅଧିକାରୀଙ୍କ ସେବା ଉପରେ ଗୁରୁତ୍ୱ ଆରୋପ କରିବା ସହ ଦୁର୍ନୀତିଗ୍ରସ୍ତ, ଅପାରଗ ଏବଂ ଦାୟିତ୍ୱହୀନ ଅଧିକାରୀ ଓ କର୍ମଚାରୀଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ଏପରିକି ବାଧ୍ୟତାମୂଳକ ସେବା ନିବୃତ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ମୁଖ୍ୟମନ୍ତ୍ରୀଙ୍କ ଶାସନ-ପ୍ରଶାସନକୁ ସ୍ୱଚ୍ଛ, ଦକ୍ଷ ଏବଂ ଚଳଚଞ୍ଚଳ କରିବା ପାଇଁ ଦୃଢ ସଂକଳ୍ପକୁ ସୂଚାଉଛି। ଏଥି ସହିତ ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିୟମିତ ଭାବେ ସମୀକ୍ଷା ଓ ମୂଲ୍ୟାୟନ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ଗବେଷଣା ଓ ମୂଲ୍ୟାୟନକୁ ଜୋର୍ ଦେବା ପାଇଁ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁପ୍ରକାର ସରକାରୀ କାର୍ଯ୍ୟ, ବିଶେଷ ଭାବେ ନୋଟିସ୍, ବିଜ୍ଞପ୍ତି, ପତ୍ର ବିନିମୟକୁ କେବଳ ଓଡ଼ିଆ ଭାଷାରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶକୁ କଡାକଡ଼ି ଭାବେ ପାଳନ କରିବା ପାଇଁ କୁହାଯାଇଛି। ଏହି ଦିଗରେ ଖିଲାଫକାରୀଙ୍କୁ କୈଫିୟତ ତଲବ କରିବା ପାଇଁ ବି କୁହାଯାଇଛି। ତେଣୁ ଓଡ଼ିଆ ଭାଷାକୁ ସରକାରୀ ଭାଷାରେ ବ୍ୟବହାର କରିବା ପାଇଁ ପ୍ରତିବଦ୍ଧତାର ବାର୍ତ୍ତା ମଧ୍ୟ ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଅତ୍ୟନ୍ତ ଗୁରୁତର ସହିତ ବିଚାରକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟଠାରୁ ଆରମ୍ଭ କରି ବ୍ଲକ ଓ ତହସିଲ୍‌ସ୍ତର ପର୍ଯ୍ୟନ୍ତ ସବୁ ଅଧିକାରୀଙ୍କୁ ଲୋକଙ୍କ ଅଭିଯୋଗ ଶୁଣି ତାକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ପାଇଁ ସୋସିଆଲ୍ ମିଡିଆକୁ ବହୁଳ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଛନ୍ତି। ଲୋକଙ୍କ ସମସ୍ୟାକୁ ନିଜ ଆଖିରେ ଦେଖି ତାହାର ସମାଧାନ କରିବା ପାଇଁ ସବୁସ୍ତରର ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ପରାମର୍ଶ ଦେଇଛନ୍ତି।

## ନୂଆବର୍ଷରେ

# ଶ୍ରୀକ୍ଷେତ୍ରରେ ଜନସମୁଦ୍ର

ଭୁବନେଶ୍ୱର,(ଜା.ପ୍ର): ନୂଆ ଆଶା, ନୂଆ ସମ୍ଭାବନା। ପୁଣି ନୂଆବର୍ଷ ଆରମ୍ଭରୁ ଭାବଭକ୍ତିରେ ଜଡ଼ସଡ଼ ହୋଇ ଶ୍ରୀକ୍ଷେତ୍ରରେ ଜଗା ଦର୍ଶନରେ ମନ। ସେଇଥିପାଇଁ ତ କାଳିଆ ଦୂଆରେ ରାତିରୁ ଲାଗିଥିବା ଭିଡ଼ ସିନ୍ଦୁରା ଫାଟୁ ଫାଟୁ ଆହୁରି ବଢିଥିଲା। ଘନ କୁହୁଡ଼ି ଘେରା ଆକାଶରୁ ନୀଳଚକ୍ର ପଛପଟେ ବର୍ଷର ପହିଲି ସୂର୍ଯ୍ୟ ଉଙ୍କିମାରିବା ସହ ଭିଡ଼ ଅସମ୍ଭାଳ ହୋଇପଡ଼ିଥିଲା। କିଏ ବଡ଼ଦାଣ୍ଡରୁ ଭୁଜ ଟେକି ନିଜକୁ ସମର୍ପି ଦେଉଥିଲା, କିଏ ସୁରୁଖୁରୁରେ ଜଗାଦର୍ଶନ କରି କୃତ୍ୟ କୃତ୍ୟ ହୋଇ ପଡୁଥିଲା, ପୁଣି ଆଉ କିଏ ଚକା ଆଖି ସହ ଆଖି ମିଶିଛି ମାନେ ବର୍ଷଟା ଯାକ ଭଲରେ କଟିବା ବିଶ୍ୱାସ ସହ ଖୁସିରେ ଫାଟି ପଡୁଥିଲା।

ବର୍ଷର ପ୍ରଥମ ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ତାଙ୍କ ଆଶୀର୍ବାଦ ନେବାକୁ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଥିଲା ଜନସମୁଦ୍ର। ବଡ଼ଦାଣ୍ଡର ଯୁଆଡ଼େ ଦେଖିଲେ କେବଳ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଥିଲା ଆଧାତ୍ମିକ ପରିବେଶ। ବୁଧବାର ରାତିରୁ ଗୁରୁବାର ଦିନ ତମାମ ଭକ୍ତଙ୍କ ଗହଳିରେ ଉଛୁଳି ପଡୁଥିଲା ବଡ଼ଦାଣ୍ଡ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭୦ରୁ ଊର୍ଦ୍ଧ୍ୱ ପ୍ଲାଟୁନ ପୁଲିସ ଫୋର୍ସ ସହ ଦକ୍ଷ ଅଧିକାରୀମାନେ ମୁତୟନ ହୋଇଥିଲେ। ବର୍ଷର ପ୍ରଥମ ଦିନରେ ମହୋଦଧିରେ ସୂର୍ଯ୍ୟୋଦୟ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ତାଙ୍କ ଆଶିଷ ନେବା ପାଇଁ ପୁରୀକୁ ଛୁଟିଥିଲା ଭକ୍ତ ଓ ପର୍ଯ୍ୟଟକଙ୍କ ସୁଅ। ଗତକାଲି ରାତି ୧ଟା ୫୫ମିନିଟ ସମୟରେ ଶ୍ରୀମନ୍ଦିର ସିଂହଦ୍ୱାର ଫିଟିବା ପରେ ନୀତି କାନ୍ତି ସହ ଆରମ୍ଭ ହୋଇଥିଲା ଦର୍ଶନ। ନାୟକ ପ୍ଲାଜା ଛକ ଠାରୁ ହୋଇଥିବା ବ୍ୟାରିକେଡ ଦେଇ ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିଥିଲେ। ନାୟକ ପ୍ଲାଜା ଛକ ଠାରୁ ଦୀର୍ଘ ସମୟ ବ୍ୟାରିକେଡ୍‌ରେ ଅପେକ୍ଷା କରିଥିବା ଭକ୍ତ ଶ୍ରଦ୍ଧାଳୁଙ୍କୁ ଦଫା ଦଫାରେ ଶ୍ରୀମନ୍ଦିରକୁ ଛଡ଼ାଯାଇଥିଲା। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଦୀର୍ଘ ଏକ କି.ମି ବ୍ୟାପୀ ବ୍ୟାରିକେଡ୍‌ରେ ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଗତକାଲି ପର୍ଯ୍ୟଟନ ସହର ପୁରୀର ସମସ୍ତ ହୋଟେଲରେ ଜିରୋ ନାଇଟ ସେଲିବ୍ରେସନ ପରେ ରାତ୍ରରେ ସମସ୍ତେ ଶ୍ରୀମନ୍ଦିର ମୁହାଁ ହୋଇଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତି ତ୍ୱରାନ୍ୱିତ ହୋଇ ରାତିରେ ଦ୍ୱାର ଫିଟିବା ପରେ ଆରମ୍ଭ ହୋଇଥିଲା ଦର୍ଶନ। ହଜାର ହଜାର ପର୍ଯ୍ୟଟକ ମହୋଦଧିରେ ପ୍ରଥମ ସୂର୍ଯୋଦୟ ଦର୍ଶନ କରିବା ପରେ ସମୁଦ୍ର ସ୍ନାନ କରିଥିଲେ। ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜନ ଗହଳି ନିୟନ୍ତ୍ରଣ, ଭକ୍ତଙ୍କ ବିଶ୍ରାମ, ପାନୀୟ ଜଳ ଯୋଗାଣ ପାଇଁ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିଲା। ଶ୍ରୀମନ୍ଦିର, ବଡ଼ଦାଣ୍ଡ, ସମୁଦ୍ରକୂଳ ସହ ବିଭିନ୍ନ ପର୍ଯ୍ୟଟନ ସ୍ଥାନରେ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ୧୩ଜଣ ଅତିରିକ୍ତ ଏସପି, ୪୩ ଜଣ ଡିଏସ୍‌ପି, ୮୭ ଜଣ ଇନ୍ସପେକ୍ଟର , ୩୩୦ କନଷ୍ଟେବଲ, ହୋମଗାର୍ଡ, ଲାଇଫଗାର୍ଡ ଓ ଓଡ୍ରାଫ ଟିମ ସହ ୭୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସେପଟେ ଶ୍ରୀମନ୍ଦିର ଭିତରେ ୧୫୨ଟି ସିସିଟିଭି କ୍ୟାମେରା ଓ ବାହାରେ ୧୯୨ ସିସିଟିଭି କ୍ୟାମେରାକୁ ସ୍ଥାପନ କରାଯାଇଥିଲା। ଏଥିସହ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

ଅନ୍ୟପକ୍ଷରେ କେବଳ ଶ୍ରୀମନ୍ଦିର ନୁହେଁ, ଠାକୁର ଦେବଦେବୀ ଦର୍ଶନରୁ ନୂଆବର୍ଷ ଆରମ୍ଭର ଇଚ୍ଛାରୁ ରାଜ୍ୟର ସବୁ ମନ୍ଦିରରେ ବି ଥିଲା ଅସମ୍ଭବ ଗହଳି। ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ହେଉ ଅବା ସମ୍ବଲପୁରର ସମଲେଶ୍ୱରୀ, କଟକର ମା' କଟକ ଚଣ୍ଡୀ, ଘଟଗାଁର ମା ତାରିଣୀ ହୁଅନ୍ତୁ କି ଝଙ୍କଡ଼ର ଶାରଳା, କେନ୍ଦ୍ରାପଡ଼ା ବଳଦେବଜୀଉ, ଯାଜପୁରର ମା ବିରଜା। ଦେବଦେବୀଙ୍କ ଦର୍ଶନ ପାଇଁ ସବୁ ମନ୍ଦିରରେ ଦିନ ତମାମ ଭିଡ଼ ଲାଗି ରହିଥିଲା।

## ଆଇଏଏସସ୍ତରରେ ଅଦଳବଦଳ

# ଦେଓରଞ୍ଜନ ସିଂ ହେଲେ ଉନ୍ନୟନ କମିଶନର୍, ରାଜେଶ ପ୍ରଭାକର ପାଟିଲ ଏସ୍ଆର୍‌ସି

ଭୁବନେଶ୍ୱର,(ଜା.ପ୍ର): ନୂଆବର୍ଷର ପ୍ରଥମ ଦିନରେ ରାଜ୍ୟର ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ନୂଆ ଦାୟିତ୍ୱ ମିଳିଛି। ତେବେ ଅନୁ ଗର୍ଗ ମୁଖ୍ୟ ଶାସନ ସଚିବ ହେବା ପରେ ଉନ୍ନୟନ କମିଶନର ଭାବେ ୧୯୯୩ ବ୍ୟାଚ୍‌ର ବରିଷ୍ଠ ପ୍ରଶାସକ ଦେବରଞ୍ଜନ କୁମାର ସିଂହଙ୍କୁ ସରକାର ଦାୟିତ୍ୱ ଦେଇଛନ୍ତି। ସେହିପରି ବରିଷ୍ଠ ୧୯୯୧ ବ୍ୟାଚ୍ ବରିଷ୍ଠ ପ୍ରଶାସକ ସତ୍ୟବ୍ରତ ସାହୁଙ୍କୁ ବୋର୍ଡ ଅଫ୍ ରେଭେନ୍ୟୁ ସଦସ୍ୟ ଭାବେ ନିଯୁକ୍ତି କରାଯାଇଛି। ରାଜ୍ୟ ସରକାରଙ୍କ ଶିଳ୍ପ ସଚିବ ଭାବେ କାର୍ଯ୍ୟକରୁଥିବା ୧୯୯୫ ବ୍ୟାଚର ଆଇଏଏସ୍ ଅଫିସର ହେମନ୍ତ ଶର୍ମାଙ୍କୁ ଗୃହ ସଚିବ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୦୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) ଭାବେ ନିଯୁକ୍ତି ମିଳିଛି।୧୯୯୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ଶୋଭା ଶର୍ମାଙ୍କୁ ଜଳ ସମ୍ପଦ ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ବରିଷ୍ଠ ଅଧିକାରୀ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଦାୟତ୍ୱ ଦିଆଯାଇଛି।ଅନ୍ୟପକ୍ଷରେ ରାଜ୍ୟ ସରକାର ଦୁଇ ଜିଲ୍ଲାରେ ମଧ ଜିଲ୍ଲାପାଳ ପରିବର୍ତ୍ତନ କରିଛନ୍ତି। ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ମଧୁମିତା ରଥଙ୍କୁ ନୟାଗଡ଼ର ଜିଲ୍ଲାପାଳ ଏବଂ ଅକ୍ଷୟ ଶୁନିଲ ଅଗ୍ରୱାଲଙ୍କୁ ଗଜପତି ଜିଲ୍ଲାର ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି।



# ମାଲକାନଗିରି ପାଇଁ ମାଷ୍ଟର ପ୍ଲାନ୍, ଘୋଷଣା ହେଲା ଆର୍ଥିକ ସହାୟତା

ଭୁବନେଶ୍ୱର,(ଜା.ପ୍ର): ଗୋଷ୍ଠୀ ସଂଘର୍ଷ ପରେ ମାଲକାନଗିରିର ବିକାଶ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ମାଷ୍ଟର ପ୍ଲାନ। ଜିଲ୍ଲାର ବିଭିନ୍ନ ସମସ୍ୟା ଓ ଜନଜାତିଙ୍କର ଦୀର୍ଘଦିନ ରହିଥିବା ଅସମାହିତ ପ୍ରସଙ୍ଗଗୁଡିକ ଉପରେ ନିଆଯାଇଛି ବିଭିନ୍ନ ପଦକ୍ଷେପ। ମାଲକାନଗିରି ଜିଲ୍ଲା ପ୍ରଶାସନର ରିପୋର୍ଟ ଭିତ୍ତିରେ ଏମ.ଭି. ୨୬ ଗାଁ'ର ପ୍ରତ୍ୟେକ ଆଂଶିକ ଓ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ପ୍ରଦାନ କରାଯିବ ଆର୍ଥିକ ସହାୟତା । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ । ଗତବର୍ଷ ଡିସେମ୍ବର ମାସରେ ମାଲକାନଗିରି ଜିଲ୍ଲାର ରାଖେଲଗୁଡା ଏବଂ ଏମ.ଭି ୨୬ ଗାଁ'ରେ ଏକ ବିଭତ୍ସ ହତ୍ୟାକାଣ୍ଡ ହୋଇଥିଲା। ଏହାକୁ ନେଇ ଜିଲ୍ଲାରେ ବ୍ୟାପକ ହିଂସାକାଣ୍ଡ ଘଟଣା କଥା ସାମ୍ନାକୁ ଆସିଥିଲା । ପ୍ରଶାସନର ବ୍ୟାପକ ପଦକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମାଲକାନଗିରି ଜିଲ୍ଲା ଗସ୍ତ କରିଥିଲେ। ଗସ୍ତ ପରେ ସେମାନେ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଗତ ଡିସେମ୍ବର ୨୯ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାର ବିଭିନ୍ନ ସମସ୍ୟା ବିଷୟରେ ଏବଂ ମୁଖ୍ୟତଃ ଜନଜାତିମାନଙ୍କର ଦୀର୍ଘ ଦିନ ବ୍ୟାପୀ ରହି ଆସିଥିବା ଅସମାହିତ ପ୍ରସଙ୍ଗ ଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ୧୦ଟି ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ରେଗୁଲେସନ ୨/୫୬ (୨୦୦୨ ସଂଶୋଧିତ) ଅନୁଯାୟୀ ବିଚାରାଧୀନ ଶତାଧିକ ମାମଲାଗୁଡିକୁ ଜିଲ୍ଲାପାଳ ନିୟମିତ ଭାବରେ ପ୍ରତ୍ୟେକ ୧୫ଦିନରେ ସମୀକ୍ଷା କରି ଏହାର ପ୍ରଗତି ସମ୍ବନ୍ଧରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ସରକାରଙ୍କୁ ଅବଗତ କରାଇବେ। ଭୂମିହୀନ ତଥା ବାସଗୃହହୀନ ଜନଜାତି ପରିବାରକୁ ଏଫ.ଆର.ଏ ଏବଂ ଓଡ଼ିଶା ଗମେଣ୍ଟ ଲ୍ୟାଣ୍ଡ ରେଜିଷ୍ଟ୍ରେସନ୍ ଆଇନ ଅଧୀନରେ ସ୍ଥାୟୀ ପଟ୍ଟା ପ୍ରଦାନର ଆଶୁ ବ୍ୟବସ୍ଥା କରାଯିବ। ଏହାର ଅଗ୍ରଗତି ସମ୍ପର୍କରେ ପ୍ରତ୍ୟେକ ମାସରେ ଜିଲ୍ଲାପାଳ ସମୀକ୍ଷା କରିବା ସହ ସରକାରଙ୍କୁ ଅବଗତ କରାଇବେ। ମାଛକୁଣ୍ଡ ଜଳସେଚନ ଯୋଜନାରେ ବିସ୍ଥାପିତ ପରିବାରକୁ ସ୍ଥାୟୀ ପଟ୍ଟା ପ୍ରଦାନର ବ୍ୟବସ୍ଥା କରାଯିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ,ଜଳସେଚନ ବିଭାଗ ସହ ସମନ୍ୱୟ ରଖି ଏହି ସମସ୍ୟାର ଦୀର୍ଘ ମିଆଦି ସମାଧାନ କରିବ। ସେହିଭଳି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରତ୍ୟେକ ତିନି ମାସରେ ମାଲକାନଗିରି ଜିଲ୍ଲାର ଉପରୋକ୍ତ ତଥା ଅନ୍ୟାନ୍ୟ ରାଜସ୍ୱ ମାମଲା ଉପରେ ନିୟମିତ ସମୀକ୍ଷା କରି ସରକାରଙ୍କୁ ଅବଗତ କରାଇବେ। ଜନଜାତି ତଥା ଅନ୍ୟାନ୍ୟ ବର୍ଗର ଲୋକମାନଙ୍କର ଜଳ ଭଣ୍ଡାର ପାଖରେ ଥିବା ଉଚ୍ଚ ଚାଷ ଜମିରେ ଜଳସେଚନ ସୁବିଧା କରାଯିବା ନିମନ୍ତେ ଆଗାମୀ ଦିନରେ ଜଳ ସମ୍ପଦ ବିଭାଗ ଦ୍ୱାରା ପ୍ରୟାସ କରାଯିବ। ଏହାର ପୂରା ଦାୟିତ୍ୱ ନେବେ ମାଲକାନଗିରି ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

ଜାତୀୟ ଚେତନା
JATIYA CHETANA



# ଦାୟିତ୍ୱ ନେଲେ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,(ଜା.ପ୍ର): ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ପ୍ରଶାସକ ଅନୁ ଗର୍ଗ। ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ଶ୍ରୀମତୀ ଗର୍ଗ ଦାୟିତ୍ୱ ନେଇଛନ୍ତି।



ବିଦାୟୀ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ରାଜ୍ୟର ସଭିଲି ସର୍ଭିସ ନେତୃତ୍ୱ ନେବାରେ ଶ୍ରୀମତୀ ଗର୍ଗ ହେଉଛନ୍ତି ପ୍ରଥମ ମହିଳା। ତାଙ୍କର ନିଯୁକ୍ତି ଐତିହାସିକ ମାଇଲଖୁଣ୍ଟ ଯାହା ଉକ୍ରର୍ଷତା ଓ ସଶକ୍ତୀକରଣର ପ୍ରତୀକ। ତାଙ୍କର ବିଶାଳ ଅଭିଜ୍ଞତା ଓ ଦୂରଦୃଷ୍ଟି ଓଡ଼ିଶାକୁ ବିକାଶର ନୂଆ ଉଚ୍ଚତାରେ ପହଞ୍ଚାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡ଼ା ଅବସରପ୍ରାପ୍ତ ମନୋଜ ଆହୁଜାଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି।

ଅନ୍ୟପକ୍ଷରେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ଗର୍ଗ କହିଛନ୍ତି ଯେ ମୁଖ୍ୟ ଶାସନ ସଚିବ ଭାବେ ମୋତେ ବହୁତ ବଡ଼ ଦାୟିତ୍ୱ ମିଳିଛି। ମୁଖ୍ୟ ଶାସନ ସଚିବ ପଦ ମୋ ପାଇଁ ବହୁତ ବଡ଼ ଦାୟିତ୍ୱ ଆଉ ସୁଯୋଗ ମଧ୍ୟ। ଆଇଏଏସ୍ ଭାବେ ଯୋଗ ଦେବା ବେଳେ ସମସ୍ତଙ୍କ ସ୍ୱପ୍ନ ଥାଏ, ରାଜ୍ୟର ଉନ୍ନତି ଓ ପ୍ରଗତି କରିବା। ତେଣୁ ଏହା ମୋ ପାଇଁ ବହୁତ ବଡ଼ ସୁଯୋଗ। ଆମେ ସୁନ୍ଦର ଭିଜନ ଡକ୍ୟୁମେଣ୍ଟ ୨୦୩୬ ଆଟ୍ ଦି ରେଟ୍ ୨୦୪୭ ବନେଇଛୁ। ମୋର ପ୍ରଥମ କର୍ତ୍ତବ୍ୟ ହେବ ସ୍ୱପ୍ନର ଓଡ଼ିଶା ଗଠନ କରିବା। ଏଥିପାଇଁ ଅନେକ ଚାଲେଞ୍ଜ ଅଛି। ସମସ୍ତେ ମିଶି ଏହା କରିପାରିବା। ଯେତେବେଳେ ଭିଜନ ଡକ୍ୟୁମେଣ୍ଟ ତିଆରି ହୋଇଥିଲା ସମସ୍ତେ ଅଂଶ ଗ୍ରହଣ କରିଥିଲେ। ସାଧାରଣ ଲୋକଙ୍କ ପରାମର୍ଶ ମଧ୍ୟ ମିଳିଥିଲା। କ୍ରିୟାନ୍ୱିତ ହେବ ସମସ୍ତଙ୍କ ସହଯୋଗ ମିଳିବ ବୋଲି ଆଶା। ଚାଲେଞ୍ଜ ବହୁତ ଅଛି ସମୟ କ୍ରମେ ତାକୁ ନିୟନ୍ତ୍ରଣ କରିବୁ। କେବଳ ମହିଳା ସଶକ୍ତିକରଣ ନୁହେଁ ଯୁବ ଶକ୍ତି ବି ସଶକ୍ତ କରାଯିବ। ପର୍ଯ୍ୟଟନ ବିକାଶ ସହ ଇଜ୍ ଅଫ୍ ଡୁଇଙ୍ଗ ବିଜିନେସକୁ ମଧ୍ୟ ବଢ଼ାଇବା ଲକ୍ଷ୍ୟ ରହିବ। ଗ୍ରାଉଣ୍ଡରେ ଥିବା ସମସ୍ୟାର ସମାଧାନ କେମିତି ହେବ, ତାହା ମୋର ପ୍ରାଥମିକତା ରହିବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି। ପ୍ରକାଶ ଯେ ଶ୍ରୀମତୀ ଗର୍ଗ ହେଉଛନ୍ତି ୧୯୯୧ ବ୍ୟାଚର ଓଡ଼ିଶା କ୍ୟାଡରର ଆଇଏଏସ୍ ଅଧିକାରୀ। ଭାରତୀୟ ପ୍ରଶାସନିକ ସେବାରେ ଜଡ଼ିତ ଏବଂ ସରକାରୀ କ୍ଷେତ୍ରରେ ତାଙ୍କର ୩୪ ବର୍ଷର ଅଭିଜ୍ଞତା ରହିଛି। ମୁଖ୍ୟ ଶାସନ ସଚିବ ହେବା ପୂର୍ବରୁ ସେ ଉନ୍ନୟନ କମିଶନର ସହ ଯୋଜନା ଏବଂ ସଂଯୋଜନା ଓ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ସେ ଶ୍ରମ ଏବଂ ଇଏସ୍ଆଇ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗରେ ପ୍ରମୁଖ ସଚିବ ଭାବରେ କାର୍ଯ୍ୟ କରିଛନ୍ତି। ଭାରତ ସରକାରଙ୍କ ଅଧୀନରେ ବିଭିନ୍ନ ମନ୍ତ୍ରଣାଳୟରେ ବିଭିନ୍ନ ପଦବୀରେ ଅନୁ କାର୍ଯ୍ୟ କରିଛନ୍ତି। ବୟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ସଚିବ ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ ଅନୁ ଦାୟିତ୍ୱ ତୁଲାଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା: ନିର୍ମାଣ ହେବ ଶହୀଦ ମାଧୋ ସିଂହ ସ୍ମାରକୀ



ଭୁବନେଶ୍ୱର,(ଜା.ପ୍ର): ଘେଁସ ଗ୍ରାମରେ ଶହୀଦ ମାଧୋ ସିଂହଙ୍କସ୍ମାରକୀ ପ୍ରତିଷ୍ଠା ହେବ। ଏଥିରେ ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ସହିତ ଏକ ସ୍ୱାଗତ ତୋରଣ, କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା କରାଯିବ। ଏଥିପାଇଁ ୬.୨୬ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମପୀଠର ବିକାଶ କରୁଛନ୍ତି। ଏହି ଯୋଜନାରେ ୧୫ କୋଟି ଟଙ୍କା ବିନିଯୋଗରେ ଶହୀଦ ମାଧୋ ସିଂହଙ୍କ ଜନ୍ମପୀଠ ଓ ଗ୍ରାମର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ବରଗଡ଼ ଜିଲ୍ଲା ଘେଁସଠାରେ ରାଜ୍ୟସ୍ତରୀୟ ବୀରତା ଦିବସ ଏବଂ ଶହୀଦ ମାଧୋ ସିଂହଙ୍କ ସ୍ମୃତି ସମାରୋହ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଘୋଷଣା କରିଛନ୍ତି। ଏହାଛଡ଼ା ଘେଁସ କଲେଜକୁ ଶହୀଦ ମାଧୋ ସିଂହ ସ୍ମାରକୀ ମହାବିଦ୍ୟାଳୟ ନାମରେ ନାମିତ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥି ସହିତ ୪ କୋଟି ୪୦ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟରେ ୧୦୦ ଆସନ ବିଶିଷ୍ଟ ଏକ ଆଧୁନିକ ଅର୍ବାନ ମଡର୍ଣ୍ଣ ଗାର୍ଲ୍ସ ହଷ୍ଟେଲ ମଧ୍ୟ ନିର୍ମାଣ କରାଯିବ ଏବଂ ଘେଁସ କଲେଜକୁ ସମ୍ପୂର୍ଣ୍ଣ ନୂଆରୂପରେ ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାଧୋ ସିଂହଙ୍କ ପରି ଦେଶଭକ୍ତ ସମ୍ପୂର୍ଣ୍ଣ ମାନବ ସମାଜକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ତ୍ୟାଗ କେବଳ ଓଡିଶା ନୁହେଁ, ସାରା ଭାରତ ଏପରିକି ବିଶ୍ୱ ଇତିହାସରେ ବିରଳ। ଦେଶପାଇଁ ସେ ନିଜ ଜୀବନ ସହିତ ନିଜର ଚାରିପୁଅ ଓ ଜାମାତାଙ୍କର ମଧ୍ୟ ବଳିଦାନ ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶହୀଦ ମାଧୋ ସିଂଙ୍କ ଭଳି ମହାପୁରୁଷ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଏବଂ ସମ୍ମାନ ଜଣାଇବା ପାଇଁ ସେମାନଙ୍କ ଜନ୍ମସ୍ଥାନର ସ୍ୱତନ୍ତ୍ର ବିକାଶ ନିମନ୍ତେ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ। ଆମ ସରକାର ଆସିବା ପରେ ମହାପୁରୁଷ ମାନଙ୍କ ସାଧନା, ତ୍ୟାଗ ଓ ସମାଜ ପାଇଁ ଥିବା ଅବଦାନକୁ ନୂତନ ପିଢ଼ି ସହ ପରିଚୟ କରାଇ ସେମାନଙ୍କ ମଧ୍ୟରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନବୋଧ ଭରିଦେବା ଉଦ୍ଦେଶ୍ୟରେ ଅନେକ ଯୋଜନା ଓ ପଦକ୍ଷେପ ଗ୍ରହଣ କରିଛନ୍ତି। ଘେଁସର ଏହି ମହାନାୟକଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ତାଙ୍କ ଜନ୍ମପୀଠ ଘେଁସକୁ ‘ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା’ରେ ସାମିଲ କରାଯାଇଛି। ଏହା ମାଧ୍ୟମରେ ଶହୀଦଙ୍କ ଜନ୍ମପୀଠର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍କୁଲ୍ ଡ୍ରପ-ଆଉଟ୍ ହାର ରୋକିବା ପାଇଁ ‘ଶହୀଦ ମାଧୋ ସିଂ ହାତଖର୍ଚ୍ଚ’ ଯୋଜନା ପ୍ରସ୍ତୁତ ହୋଇଛି। ଏହି ଯୋଜନାରେ ଛାତ୍ରଛାତ୍ରୀମାନଙ୍କୁ ନବମ ଓ ଏକାଦଶ ଶ୍ରେଣୀରେ ଅଧ୍ୟୟନ ପାଇଁ ଏକକାଳୀନ ସହାୟତା ରାଶି ଭାବରେ ଛାତ୍ରଛାତ୍ରୀ ପିଛା ୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ଘେଁସ ଗ୍ରାମ ପଞ୍ଚାୟତର ମଧ୍ୟ ୧୦୦ଜଣ ଛାତ୍ରଛାତ୍ରୀ ଏହି ଯୋଜନାରେ ସାମିଲ ହୋଇଛନ୍ତି ବୋଲି ସେ କହିଥିଲେ। ଘେଁସ ଗ୍ରାମ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାରଙ୍କ ସମସ୍ତ ପ୍ରମୁଖ ଯୋଜନା ଯେପରି କି ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ଅନ୍ତ୍ୟୋଦୟ ଗୃହ ଯୋଜନା, ପିଏମ୍ କିଷାନ, ସିଏମ୍ କିଷାନ, ଆୟୁଷ୍ମାନ ଭାରତ ଯୋଜନା, ସବୁଥିରେ ଏ ଅଞ୍ଚଳବାସୀ ସାମିଲ ଅଛନ୍ତି। ସମ୍ପୂର୍ଣ୍ଣ ଘେଁସ ଅଞ୍ଚଳର ବିକାଶ ପାଇଁ ଯୋଜନା କରାଯାଉଛି। ଘେଁସ ଅଞ୍ଚଳର ୧୩୭୫ ଜଣ ସୁଭଦ୍ରା ଭଉଣୀଙ୍କ ମଧ୍ୟରୁ ୬୧୭ଜଣ ଲକ୍ଷପତି ଦିଦି ହୋଇ ସାରିଲେଣି ବୋଲି ମୁଖ୍ୟମନ୍ତ୍ରୀ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପରିସମାପ୍ତି ପରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂଙ୍କ ବାସଗୃହ ପରିସରରେ ତାଙ୍କ ପରିବାର ବର୍ଗଙ୍କୁ ଭେଟିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡତିଆ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବିଶିଷ୍ଟ କୋଶଳି କବି ପଦ୍ମଶ୍ରୀ ଡକ୍ଟର ହଳଧର ନାଗ, ଶହୀଦ ମାଧୋ ସିଂଙ୍କ ଦାୟଦ ଲୋକେଶ୍ୱର ସିଂ ବରିହା, ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୩୧ ଯାଏଁ ପିୟୁସିସି ଆଶ୍ୱସ୍ତି

# ସବୁଜ ଷ୍ଟିକର୍ ନୁହେଁ ବାଧ୍ୟତାମୂଳକ: ମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ପିୟୁସିସି ଅବଧିକୁ ରାଜ୍ୟ ସରକାର ଆହୁରି ମାସେ ବୃଦ୍ଧି କରିଛନ୍ତି। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପିୟୁସିସି ଅବଧି ବୃଦ୍ଧି କରାଯାଇଥିବା ନେଇ ବୁଧବାର ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏହା ପରେ ଅର୍ଥାତ୍ ୧ ଏପ୍ରିଲରୁ ପିୟୁସିସି ନଥିଲେ ଆକ୍ସନ ନେବେ ସରକାର। ପୂର୍ବରୁ ଏହା ଫେବୃଆରୀ ୨୮ ଧାର୍ଯ୍ୟ ହୋଇଥିବା ବେଳେ ଆଜି ରାଜ୍ୟ ସରକାର ମାର୍ଚ୍ଚ ୩୧ ଯାଏଁ ବୃଦ୍ଧି କରିଛନ୍ତି। ଏହି ସମୟ ମଧ୍ୟରେ ଗାଡିମାଲିକ ମାନେ ସେମାନଙ୍କର ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର କରିବାକୁ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ତେବେ ପ୍ରଦୂଷଣ ସାର୍ଟିଫିକେଟ୍ ଲାଗି ବିଭିନ୍ନ ପ୍ରଦୂଷଣ ଯାଞ୍ଚ କେନ୍ଦ୍ରରେ ଭିଡ଼ ଏବଂ ଅଳ୍ପ ସମୟ ମଧ୍ୟରେ ଗାଡ଼ିଚାଳକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ସରକାର ଏହି ପଦକ୍ଷେପ ନେଇଛନ୍ତି। ସେହିପରି ‘ସବୁଜ ଷ୍ଟିକର’ ମାରିବା ବାଧ୍ୟତାମୂଳକ ନୁହେଁ ବୋଲି ମନ୍ତ୍ରୀ ସୂଚନା ଦେଇଚନ୍ତି। ସବୁଜ ଷ୍ଟିକର ମାରିଲେ ଯାଞ୍ଚ ଅଧିକାରୀ ଓ ଗାଡ଼ି ଚାଳକ ଏବଂ ମାଲିକଙ୍କ ଲାଗି ସୁବିଧା ହେବ। ଏହି ସବୁଜ ଷ୍ଟିକର ରାଜ୍ୟର ସବୁ ଆର୍‌ଟିଓ କାର୍ଯ୍ୟାଳୟରେ ଉପଲବ୍ଧ ହେବ।

# ଆଉ ଦୁଇ ମାସ ବଢ଼ିଲା ଇ-କେୱାଇସି ଅବଧି

ଭୁବନେଶ୍ୱର,(ଜା.ପ୍ର): ପୁଣି ରାଜ୍ୟ ସରକାର ଇ-କେୱାଇସି ଅବଧିକୁ ୨ ମାସ ବୃଦ୍ଧି କରାଯାଇଛି। ପୂର୍ବରୁ ଡିସେମ୍ବର ୩୧ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବା ବେଳେ ଏବେ ଫେବୃଆରୀ ମାସ ଯାଏ ଇ-କେୱାଇସି ଅବଧିକୁ ସରକାର ବଢ଼ାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏବେ ସୁଦ୍ଧା ୯୬ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରି ସାରିଥିବା ବେଳେ ବାକି ୪ ପ୍ରତିଶତ କରି ନାହାନ୍ତି। ତେବେ ସମସ୍ତେ ଆଉ ୨ ମାସ ସମୟ ଭିତରେ ଇ-କେୱାଇସି କରନ୍ତୁ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପରାମର୍ଶ ଦେଇଛନ୍ତି। ଏବେ ସୁଦ୍ଧା ନୂଆ ୮ ଲକ୍ଷ ରାସନ କାର୍ଡ ବାଣ୍ଟି ସାରିଲେଣି ସରକାର। ତେବେ ପୂର୍ବରୁ ଏହା ନଭେମ୍ବର ୨ ତାରିଖ ରାସନକାର୍ଡ ଇ-କେୱାଇସି ଅପଡେଟ ଅବଧିର ଶେଷ ତାରିଖ ଥିଲା। ଏହି ସମୟ ସୀମାକୁ ବୃଦ୍ଧି କରାଯାଇ ଡିସେମ୍ବର ୩୧ ତାରିଖ ରଖାଯାଇଥିଲା। ପୁଣି ଏହାର ଅବଧି ଆଜି ୨ ମାସ ବୃଦ୍ଧି କରାଯାଇଛି।

# ଦୁଇ ‘ପ୍ରଳୟ’ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ଭୁବନେଶ୍ୱର,(ଜା.ପ୍ର): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଓଡ଼ିଶା ଉପକୂଳରୁ ଦୁଇଟି ‘ପ୍ରଳୟ’ କ୍ଷେପଣାସ୍ତ୍ରର ସମାନ୍ତରାଳ ପରୀକ୍ଷଣ କରିଛି। ଗୋଟିଏ ଲଞ୍ଚର୍‌ରୁ ଉଭୟ କ୍ଷେପଣାସ୍ତ୍ରକୁ କମ୍ ସମୟ ବ୍ୟବଧାନରେ ଛଡ଼ା ଯାଇଥିଲା। ପୂର୍ବାହ୍ଣ ପ୍ରାୟ ୧୦ଟା ୩୦ ମିନିଟରେ ହୋଇଥିବା ଏହି ପରୀକ୍ଷଣ ସଫଳ ହୋଇଛି। ବ୍ୟବହାରିକ ମୂଲ୍ୟାଙ୍କନ ପରୀକ୍ଷଣର ଅଂଶବିଶେଷ ଭାବେ ଏହି ଫ୍ଲାଇଟ୍ ଟେଷ୍ଟ କରାଯାଇଥିଲା। ଉଭୟ କ୍ଷେପଣାସ୍ତ୍ର ଉଦ୍ଦିଷ୍ଟ ପଥ ଅନୁସରଣ କରିବା ସହିତ ସମସ୍ତ ଉଡ଼ାଣ ଉଦ୍ଦେଶ୍ୟ ପୂରଣ କରିଥିଲା। ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ ରେଞ୍ଜ ଦ୍ୱାରା ନିୟୋଜିତ ଟ୍ରାକିଂ ସେନ୍ସର ଦ୍ୱାରା ଏହାକୁ ପ୍ରମାଣିତ କରାଯାଇଥିଲା। ଇମ୍ପାକ୍ଟ ପଏଣ୍ଟ ନିକଟରେ ନିୟୋଜିତ ଅନବୋର୍ଡ ଜାହଜରେ ସ୍ଥାପିତ ଟେଲିମେଟ୍ରି ସିଷ୍ଟମ ଦ୍ୱାରା ଟର୍ମିନାଲ ଇଭେଣ୍ଟଗୁଡ଼ିକ ସୁନିଶ୍ଚିତ କରାଯାଇଥିଲା। ପ୍ରଳୟ ହେଉଛି ଏକ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ସଲିଡ୍ ପ୍ରୋପେଲାଣ୍ଟ ଆଧାରିତ କ୍ୱାସୀ-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଯାହା ଉଚ୍ଚ ସଠିକତା ସୁନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ଗାଇଡାନ୍ସ ଏବଂ ନାଭିଗେସନ୍ ବ୍ୟବହାର କରେ। ଏହି କ୍ଷେପଣାସ୍ତ୍ର ବିଭିନ୍ନ ଲକ୍ଷ୍ୟ ବିରୁଦ୍ଧରେ ବିଭିନ୍ନ ପ୍ରକାରର ଯୁଦ୍ଧାସ୍ତ୍ର ବହନ କରିବାକୁ ସକ୍ଷମ। ଏହି ପରୀକ୍ଷଣରେ ଡିଆରଡିଓର ବରିଷ୍ଠ ବୈଜ୍ଞାନିକ, ଭାରତୀୟ ବାୟୁସେନା ଏବଂ ଭାରତୀୟ ସେନାର ବ୍ୟବହାରକାରୀ ପ୍ରତିନିଧୀ ତଥା ବିକାଶ ତଥା ଉତ୍ପାଦନ ଭାଗିଦାର ସମେତ ଶିଳ୍ପ ପ୍ରତିନିଧିମାନେ ସାମିଲ ରହିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିୟମିତ ବ୍ୟବଧାନରେ କ୍ଷେପଣାସ୍ତ୍ରର ସଫଳ ଉତକ୍ଷେପଣ ପାଇଁ ଡିଆରଡିଓ, ଭାରତୀୟ ବାୟୁସେନା, ଭାରତୀୟ ସେନା, ଡିପିଏସୟୁ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକୁ ପ୍ରଶଂସା କରିଛନ୍ତି। ପ୍ରଳୟ କ୍ଷେପଣାସ୍ତ୍ରର ସମାନ୍ତରାଳ ଉତକ୍ଷେପଣ ସଫଳ ହେବା ଏହି କ୍ଷେପଣାସ୍ତ୍ରର ବିଶ୍ୱସନୀୟତାକୁ ଦୃଢ଼ କରିଛି ବୋଲି ସେ କହିଛନ୍ତି। ପ୍ରତିରକ୍ଷା ବିଭାଗର ଗବେଷଣା ଓ ବିକାଶ ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡକ୍ଟର ସମୀର ଭି କାମାଥ୍ ସଫଳ ବିମାନ ପରୀକ୍ଷଣରେ ଜଡିତ ଥିବା ଡିଆରଡିଓ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

ଜାତୀୟ ଚେତନା
JATIYA CHETANA



## ମାଆ



ମାଆ ମାତ୍ର ଦୁଇଟା ଶବ୍ଦ ନୁହଁ
ମାଆ ମାତ୍ର ଦୁଇଟା ଶବ୍ଦ ନୁହଁ
ସେଇ ମାଆ ଶବ୍ଦ ଭିତରେ ରହିଅଛି
କେତେ ଯେ ମହତ୍ତ୍ୱ
ଆଉ ମୋ ମାଆ ଟିକେ ନିଆରା
ଆଉ ମୋ ମାଆ ଟିକେ ନିଆରା
ମୋ ମା' କେଉଁ ଅଭିନେତ୍ରୀ ନୁହଁ
ମୋ ମା' କେଉଁ ଅଭିନେତ୍ରୀ ନୁହଁ
କିନ୍ତୁ ମୋ ମାଆକୁ ଅଭିନୟ କରିବା
ବେଶ୍ ଜଣା
ଛାତିକୁ ପଥର କରି ସେ
ଅନ୍ୟର ଦୁଃଖରେ ସାହାଯ୍ୟ ପାଇଁ ହାତ
ବଢ଼େଇଦିଏ
ମୋ ମାଆ କେଉଁ ରାଜମିସ୍ତ୍ରୀ ନୁହଁ
କିନ୍ତୁ ଘରେ ଯେତେବେଳେ ଝରକା
ଲଗେଇବାବାକୁ
ପଇସାପତ୍ର ଅଭାବ ଅସୁବିଧା ହେଲେ
ସେ ଜାଲି ମଧ୍ୟ ଲଗାଇଦିଏ
ହଁ ମୋ ମାଆ କେଉଁ ରାଜମିସ୍ତ୍ରୀ ନୁହଁ
କିନ୍ତୁ ତାକୁ ରାଜମିସ୍ତ୍ରୀ କଳା ବେଶ୍ ଜଣା
ସେ ତା' ଦୁଃଖକୁ କାହା ଆଗରେ
ପ୍ରକାଶ କରିବାକୁ ଚାହେଁ ନାହିଁ
ସେ ତା' ଦୁଃଖକୁ କାହା ଆଗରେ
ପ୍ରକାଶ କରିବାକୁ ଚାହେଁ ନାହିଁ
କାଳେ କିଏ ଦୁଃଖ କରିବ କି
କାଳେ କିଏ ଦୁଃଖ କରିବ କି
ମୋ ମାଆ ସାଙ୍ଗରେ ଯିଏ ଯେତେ
ଅନ୍ୟାୟ କରୁ ନା କାହିଁକି
ସେ କେବେ ହେଲେ କାହାର ଖରାପ୍
ଚାହେଁ ନାହିଁ
କାରଣ ସିଏ ପରା ମୋ ମାଆ
ଠାକୁର ତାକୁ ସୁଖ ଦେଲେ ନାହିଁ
କିନ୍ତୁ ଦୁଃଖ କ'ଣ ବେଶ୍ ଭଲ କି
ଦେଲେ
କିନ୍ତୁ ସେଇ ଦୁଃଖକୁ ବି ମୋ ମାଆ
ସାମ୍ନା କରିଦିଏ
ତା' ପାଇଁ ଏଇଟା ବଡ଼ କଥା ନୁହଁ
ମୋ ମାଆ ଗୋଟେ ପଥରକୁ ବି ମଣିଷ
କରିପାରେ
ହଁ ମୋ ମାଆ ଗୋଟେ ପଥରକୁ ବି
ମଣିଷ କରିପାରେ
ସିଏ ପରା ମୋ ମାଆ
କେବଳ ମାଆ ନୁହଁ
ମୋ ସୁନା ମାଆ।

**ଶିବାନୀ ଦାସ**
ଯୁକ୍ତ ୨ ପ୍ରଥମ ବର୍ଷ କଳା
ରାଜଗାଙ୍ଗପୁର, ସୁନ୍ଦରଗଡ଼

## ମୁଁ ସାନ ଭକତ

ହେ ପ୍ରଭୁ ଶଙ୍କର ମୋ ପ୍ରାଣ ଈଶ୍ୱର
ଦେଖୁଅଛି ଲିଙ୍ଗ ରୂପ
ମୁଁ ସାନ ଭକତ ଆସିଅଛି ଧାଇଁ
ଜାଳିବାକୁ ଧୂପ ଦୀପ।
ଫାଲଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀ
ମହା ଶିବରାତ୍ରୀ ଜଣା
ଏହି ଦିନେ ଲିଙ୍ଗ ଆବିର୍ଭାବ ବୋଲି
ପୁରାଣର କଥା ଶୁଣା।
ଦୁଗ୍ଧ, ଦହି, ଘୃତ ସାଥେ ମହୁ ମିଶି
ତୁମ ଲିଙ୍ଗ ହୁଏ ସ୍ନାନ
ଭକତି ଅନ୍ତରେ ତୁମ୍ଭକୁ ଯେ ପାଏ
ଦେଇ ଥାଅ ବରଦାନ।
ନାସିବାକୁ ଦୁଃଖ ଜନ ମାନସରୁ
ଗୁହାରି ତୁମକୁ ମୋର
ଆହେ ନୀଳକଣ୍ଠ ଘେନି ମୋ ଜଣାଣ
ଜଗତ ଉଦ୍ଧାର କର।
ଦେଇ ଦରଶନ ସନ୍ତାପ ହାରିଣ
କୃତାର୍ଥ ଯେ କର ମତେ
ଦିଦ୍ଧା କି ରହିଛି ଭକତିରେ ମୋର
ପରୀକ୍ଷା ନେଉଛ ଏତେ।
ମହା ମୃତ୍ୟୁଞ୍ଜୟ ମନ୍ତ୍ରକୁ ତୁମ୍ଭର
ଜପ କରି ମନେ ମନେ
ଉପବାସ କରି ବିଧି ମୁତାବକ
ବସିଅଛି ତୁମ ଧ୍ୟାନେ।

**ନିକୁଞ୍ଜ କୁମାର ଘୋଷ**
ଜଳେଶ୍ୱର, ବାଲେଶ୍ୱର

## ବଡ଼େଇ



ଦିନେ ନା ଦିନେ 'ମୁଁ' ମିଶିଯାଏ
ମାଟିରେ କୋଇଲା ଆଞ୍ଚ ପରି
ଡହକୁଥିବା ଉତ୍ତେଜନା ପାଲଟିଯାଏ
ଅଙ୍ଗାର
ମାଗୁରନିଶର ମାମଲତକାରପଣିଆ କି
ନାଲିଆଖିର ଚାବୁକ
ଅଲୋଡ଼ା ଅଖୋଜା ହୋଇ
ଲୁଚିଯାଆନ୍ତି ବିସ୍ମୃତିର ବାଲିବନ୍ଧ ତଳେ
କେବଳ ମାନବିକତାର ମହକ
ଧୂପ ପରି ଖେଳିବୁଲୁଥାଏ ସାରା
ସଂସାରରେ।
ତେବେ
ଅଢ଼େଇଦିନ ପାଇଁ ଏ ବଡ଼େଇ କାହିଁକି ?

ଗୋପୀନାଥ ଦାଶ
ବ୍ରାହ୍ମଣକୁଶଡିହ, ଆଙ୍କୁଲାଚଟୀ,ଖୋର୍ଦ୍ଧା
ମୋ: ୮୦୧୮୮୮୧୪୧



# ଅଧୁରା ପ୍ରେମ

**ରଶ୍ମି ରଞ୍ଜନ ତ୍ରିପାଠୀ**

ବେଳେବେଳେ ଏମିତି ହୁଏ କି କିଛି ବିଷୟ ଉପରେ ଆମେ ଚିନ୍ତା କଲା ବେଳେ କିଛି ପ୍ରଶ୍ନ ଆମ ମନ ଭିତରେ ପଶି ଆସେ ଓ ଆମେ ନିଜେ ନିଜ ସହ କଥା ହୁଅନ୍ତି ଗଳ୍ପଟି ସେମିତି ଏକ ବିଷୟ ବସ୍ତୁ କୁ ନେଇ ଲିଖିତ ସେଦିନ ସେ ବସି ଭାବୁଥିଲା କିଛି ଦିନ ପୂର୍ବରୁ ଘଟି ଯାଇଥିବା ଘଟଣା ଟିଏ ଘଟଣା ତ କହି ହେବନି ଦୁର୍ଘଟଣାଟିଏ।

ସେଦିନ ସେ ଆସିଥିଲା।

-କାହିଁକି ?

-କେଜାଣି ?

ସେ ଏମିତି ଆସେ ମଝିରେ ମଝିରେ ଠିକ ଆସିବ, ଯେତେବେଳେ ମନଦୁଃଖ ଥିବ, ନହେଲେ ଯେତେବେଳେ ଟେନସନ ଅଧିକ ଥିବ କି ଏକା ଏକା ଲାଗୁଥିବ ଏପରି ସମୟ ରେ ସେ କାହିଁକି ଆସେ କେଜାଣି ? କେମିତି ଜାଣେ ସେ ଏତେ କଥା। କିଏ କହେ ତାକୁ ଆସିବାକୁ ? ନା କିଏ ଦିଏ ତାକୁ ମୋ ଖବର ? ମୁଁ ରାଗି କି ଗାଳି ଦେଉଥିବି ଆଉ ସେ ହସି ହସି ସବୁ କଥାକୁ ଆଡ଼େଇ ଯାଉଥିବ।

ସେଦିନ କିନ୍ତୁ ଆସିଥିଲା ରାତି ଅଧାରେ। ଯେତେବେଳେ ସମସ୍ତେ ଶୋଇ ସାରିଥିଲେ। ବାହାରେ ବୁଲା କୁକୁର ହୋ ଓ ଓ କରି ରଡି ପକାଉଥିଲେ।

ବାହାରେ ଲାଗିଥିବା ବାରଲାଇଟ ତା' ଦପ ଦପ ହୋଇ ଜଳୁଥିଲା। ପବନର ସଅଁ ସଅଁ ଶବ୍ଦ ରହି ରହି ଝରକାର ଫାଙ୍କ ଦେଇ ଘର ଭିତରେ ପଶୁଥିଲା।

ବାପାଙ୍କ ଘୁଙ୍ଗୁଡ଼ି ଆର ଘରୁ ଏଯାଏଁ ଶୁଭୁଥିଲା। ଆସି ଉଠେଇଲା ସେ ମୋତେ କହିଲା, 'ଚାଲ ଏ ଜହ୍ନ ଆଲୁଅରେ ଟିକେ ବୁଲି ଆସିବା ମନଟା ଜମାରୁ ଭଲ ନାହିଁ ଆଜି।

- ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲି ତାକୁ।

- ଏ ରାତିରେ ?

ପୁଣି ଏତେ ଚୁଲବୁଲି ଝିଅର ମନ ଖରାପ ?

ସତ କହିଲେ ଆଜି ଯାଏଁ ତା'ର ମନ ଦୁଃଖ ହେବା ମୁଁ କେବେ ଦେଖି ନଥିଲି। ସବୁ ଅବସ୍ଥା ରେ ଖାପ ଖୁଏଇନେବା ଝିଅଟିଏ ଥିଲା ସେ। ସବୁବେଳେ ହସ ହସ ମୁହଁ କେଜାଣି ଶେଷ ଥର ସେ କେବେ କାନ୍ଦିଥିଲା। କଷ୍ଟ ହେଲେ ବି ହସୁଥିବ, ଗାଳି ଦେଲେ ବି ହସୁଥିବ। ଛୋପରି ଖଣ୍ଡିଏ ଆଜି ଯିଏ ତାକୁ ଗାଳି ଦେଇଥିବ, କାରଣ ଥାଉ କି ନଥାଉ, କାଲି ସକାଳୁ ସେ ତା ସହ ଆସି ହସି ହସି କଥା ହେଉଥିବ ବେଳେବେଳେ ତ ହସି ହସି ଗଡିଯାଏ କିନ୍ତୁ, ତା'ର ଏହି ଗୁଣ ଗୁଡିକ ତ ମୋତେ ଭଲଲାଗେ କାହିଁକି ? କାହିଁକି କ'ଣ ମ ? ଗୋଟେ ପୁଅ ଆଉ କ'ଣ ଚାହେଁ କି ?

ତାକୁ କେବେ କିଛି କହି ନ ଥିଲି ନା ମୁଁ ତାକୁ କହିଥିଲି ଭଲପାଏ ବୋଲି ନା ସେ ମୋତେ କହିଥିଲା। କେହି କାହାକୁ କିଛି କହି ନ ଥିଲେ ବି ମୁଁ ନିଜକୁ ପ୍ରେମିକ ଓ ତାକୁ ପ୍ରେମିକା ହିସାବରେ ସଜେଇ ସାରିଥିଲି କେଉଁଦିନୁ। ବେଳେବେଳେ ତା' ଉପରେ ହକ୍ ଜାହିର କଲାବେଳେ। ତା' ହସ ହସ ମୁହଁରେ କେମିତି ଗୋଟେ ରେଖା ପଡ଼ିଯାଏ, କ'ଣ ଭାବେ ସେ କେଜାଣି ? ମୁଁ କିନ୍ତୁ ଜାଣିଲେ ବି ଆହୁରି ଆହୁରି ତାଗିଦ୍ କରେ ତାକୁ। ଆଜି ସିନା ମୁଁ ତା' ପ୍ରେମିକ ହୋଇନି, କାଲି କୁ ତ' ହେବି ନା। ତେଣୁ ଆଜିଠୁ ହକ୍ ଖୋଜିବାରେ ଅସୁବିଧା କ'ଣ ? ତା' ମନର ଅବସ୍ଥା କେବେ ମୁଁ ଜାଣିବାକୁ ଚେଷ୍ଟା କରିନଥିଲି କାହିଁକି କରିବି ? ସେ ତ ସବୁବେଳେ ହସୁଥାଏ।

ଜଣେ ମଣିଷ ହସେ କେତେବେଳେ ? ଯେତେବେଳେ ସେ ଖୁସିଥାଏ। ଖୁସିଥାଏ ମାନେ ମନ ଖୁସିଥାଏ। ତେବେ ମନର ଅବସ୍ଥା ଆଉ କ'ଣ ବୁଝିବି ? ସେ ତ ଖୁସି ଅଛି ଓ ସବୁବେଳେ ଖୁସିଥାଏ, ମାନେ ତା' ମନ ଖୁସି ଥାଏ ସବୁବେଳେ। ମୁଁ ଗାଳି କଲେ ବି ସେ ହସେ, ମୁଁ ରାଗିଲେ ବି ସେ ହସେ, ତାକୁ ଅଣ୍ଡର ଏଷ୍ଟିମେଟ କଲେ ବି ସେ ହସେ। ଯେମିତି ହସଟା ତା' ଜୀବନ। ନ ହସିଲେ ସେ ମରିଯିବ। ହେତ୍। କୁଆଡେ ପଳେଇଲିନି ମୁଁ।

ହଁ, ସେ ଆସିଥିଲା, ରାତି ଅଧାରେ, ମୋ ବେଡ଼ ପାଖକୁ, ମୋତେ ଉଠେଇଲା ଆଉ କହିଲା, ଚାଲ ଏ ଜହ୍ନ ଆଲୁଅରେ ଟିକେ ବୁଲି ଆସିବା। କିନ୍ତୁ ସେ ଆସିଲା କେମିତି ? ପୁଣି ମୋ ବେଡ୍‌ରୁମ୍‌କୁ ରାତି ଅଧାରେ। ହେଃ, ସେକଥା କିଏ ଚିନ୍ତା କରେ ସେତେବେଳେ ? ରାତି ଅଧା। ସେ ପାଖ ଘରେ ରହୁଥିଲା।

ଆମ ପଡୋଶୀ ଓ ଛଅ ବର୍ଷ ହେଲାଣି। ଆମେ ତ ଥିଲୁ ୨୫ ବର୍ଷ ହେଲା ଓ ମୋ ଜନ୍ମ ପୂର୍ବରୁ ଓ ଏଇଟା ଆମ ନିଜ ଘର। ସେମାନେ କିନ୍ତୁ ଆସିଥିଲେ ଛଅ ବର୍ଷ ତଳେ, ଭଡ଼ାରେ ଓ କାହିଁକି ? ମୁଁ ଜାଣିନି। ତା' ବାପାଙ୍କର ବଦଳି ହୋଇଥିବ, ନହେଲେ ପୁରୁଣା ଘର ମାଲିକ ଭଡ଼ା ବଢ଼େଇ ଦେଇଥିବ, ନ ହେଲେ କଲେଜ ପାଖ ହେଉଥିବ। ମୁଁ କଉ ଥିଲି ସେତେବେଳେ ଯେ ଜାଣିବି ? ମୁଁ ତ ରହୁଥିଲି ହଷ୍ଟେଲ୍‌ରେ ଓ ଛଅ ମାସରେ ଥରେ ମୁଁ ଘରକୁ ଆସେ। ସେଥର ଆସିଲା ବେଳେ ଦେଖିଲି ନୂଆ ଝିଅଟିଏ, ଆମ ଘର ଆଗ ଦେଇ ଡେଇଁ ଡେଇଁ ଗଲା। କି ଅଜବ ଝିଅ ଇଏ ? କଲେଜ ପଢ଼ିଲାଣି କିନ୍ତୁ ଛୁଆଳିଆମୀ ଛାଡ଼ିନି ଓ ଡେଇଁ ଡେଇଁ ଯାଉଛି। ପୁଣି ବାଟରେ ପଡ଼ିଥିବା ଗୋଡ଼ି, ପଥରକୁ ଲକ୍ଷ୍ୟ କରି ଗୋଇଠା ମାରୁଛି, ଠିକ୍ ଯେମିତି ପୁଅ ପିଲା ମାରନ୍ତି ଓ ଗୋଟେ ଗୋଡ଼ି ଆସି ମୋ ପାଖରେ ପଡ଼ିଲା ଓ ମୁଁ ରାଗି କରି ତାକୁ ଅନେଇଲି ଓ ସେ, ସରି, ସରି କହି ପୁଣି ଆଉ ଗୋଟେ ଗୋଡ଼ିକୁ ଗୋଇଠା ମାରି ଡେଇଁ ଡେଇଁ ପଳେଇଲା। ମୁଁ ହସିଲି ଓ କାହିଁକି କେଜାଣି ସତର ବର୍ଷ ବୟସରେ ମୋ ଛାତିଟା ଭିନ୍ନ କାରଣ ପାଇଁ ଧକ୍‌ଧକ୍ ହେଲା ଓ ଜୋର୍‌ରେ। ଏମିତି ବି ହୁଏ ? ନିଜେ ନିଜକୁ ପଚାରିଥିଲି।

ତା' ପରେ ? ତା' ପରେ କ'ଣ ଓ ସନ୍ଧ୍ୟାରେ ତା' ମା' ଆଉ ମୋ ମା' ଫାଟକ ପାଖରେ କଥା ହେଉଥିଲେ। ମୁଁ ବାହାରେ ପବନ ଖାଉଥିଲି ଓ ସେ ଆସି ତା' ମା' ପାଖରେ ଠିଆହେଲା। ଆଉ ମୋ ମା' ମୋତେ ଡାକିଲେ ଓ କଥା କରେଇଲେ। ଆମେ ଏକା କ୍ଲାସ ରେ ପଢୁଥିଲୁ ଓ ସେ ମୋ ଘର ପାଖ କଲେଜରେ ଆଉ ମୁଁ ? ମୁଁ ଘରଠୁ ଦୁଇଶହ କିଲୋମିଟର ଦୂରରେ। ମନ ନଥିଲା ଏତେ ଦୂରକୁ ଯିବା ପାଇଁ। ସେଥିପାଇଁ ତ ରାଗରେ ଛଅ ମାସରେ ଥରେ ଆସୁଥିଲି ଘରକୁ। ଯା ପରଠୁ କିନ୍ତୁ ରାଗିବା ଆହୁରି ବଢ଼ିଯାଇଥିଲା ଘର ଲୋକଙ୍କ ଉପରେ। କିନ୍ତୁ ଘରକୁ ଆସୁଥିଲି ମାସକୁ ଥରେ ଓ ତା'ପରେ ପନ୍ଦର ଦିନରେ ଥରେ। ଏ ଭିତରେ ଛଅ ବର୍ଷ ବିତି ଯାଇଥିଲା। ପାଠ କିଆଁ ପଚାରୁଛନ୍ତି ? ପାଠ ସରିଯାଇଥିଲା। କ'ଣ ପଢୁଥିଲୁ କି ? ପନ୍ଦର ଦିନରେ ଥରେ ଘରକୁ ଆସିଲେ ପାଠ ହୁଏ ? ତଥାପି ପାସ। ହଁ, ସେ ଅବସ୍ଥାରେ ପାସ କରିବାଟା ବି ବଡ଼ କଥା। କଉ ଅବସ୍ଥା ? ଛାଡ ମ। ଶୁଣିବାର ଅଛି ଶୁଣ, ନହେଲେ ନାହିଁ ଓ କହିଲି ପରା,'ସେଦିନ ମୋ ଛାତିଟା, ଭିନ୍ନ କାରଣ ପାଇଁ ଧକ ଧକ ହେଲା। ହଁ, ତାକୁ କହି ନଥିଲି। କିନ୍ତୁ ମୁଁ ୱାନ୍‌ସାଇଡ୍ ଲଭ୍ କରି ପାରିବି ନା। ନା, ସେଥିପାଇଁ ବି ଅନୁମତି ଦରକାର ?

ହଉ ହଉ ଶୁଣ, ତା' ପାଇଁ ପୁଅ ଦେଖା ଚାଲିଥିଲା ଆଉ ମୋ ପାଇଁ ଚାକିରୀ ଖଣ୍ଡେ। କାହାକୁ କିଛି ମିଳୁ ନଥିଲା। ନା ତାକୁ ପୁଅ ନା ମୋତେ ଚାକିରୀ। ଚାକିରୀ ଖଣ୍ଡେ ମିଳି ଯାଇଥିଲେ ଅବା ଦୁଇଟା ଯାକ ମିଳି ଯାଇଥାନ୍ତା। କେମିତି ? ହେଃ, କେମିତି କ'ଣ ମ, ନ ବୁଝିଲା ପରି ହଉଛ ? ମୋତେ ଚାକିରୀ ମିଳିଲେ, ମୁଁ ପରା ଗୋଟେ ପୁଅ। କିନ୍ତୁ ମୋତେ ଚାକିରୀ ମିଳୁ ନଥିଲା ଆଉ ତାକୁ ସବୁ ପୁଅ ରିଜେକ୍ଟ କରୁଥିଲେ। ମା' ଆଗରେ ମନଦୁଃଖ କଲେ ବି ଭିତରେ ଭିତରେ ମୁଁ ଖୁସି ହେଉଥିଲି। ଯାହା ହେଲେ ବି ମୋ ପ୍ରେମିକା ଆଉ କାହା ସହ ବାହାହବ ମୁଁ ପ୍ରେମିକ ହୋଇ ସମ୍ଭାଳିବି କି ? ହଁ, ଏବେ ବୁଝି ପାରୁଛ ତ।

ଏତେ ଦିନ ପରେ ମୋତେ ଗୋଟେ କମ୍ପାନୀରେ ଚାକିରୀ ମିଳିବାର ସମ୍ଭାବନା ଥିଲା। ଦୁଇଟା ରାଉଣ୍ଡ ସରି ଯାଇଥିଲା। ଖାଲି ଏଚ୍‌ଆର୍ ରାଉଣ୍ଡ ବାକିଥିଲା। ମନ ଭିତରେ ବହୁତ ଖୁସିଥିଲି। ପଇସା ବେଶୀ ନ ଦିଅନ୍ତୁ ପଛେ, ଆମ ଚାରି ବାପାମା'ଙ୍କର ଦୁଇଟା ଟେନସନ ତ ଦୂରହେବ। ଏବେ ଆଉ ପଚାରନି, ଚାରି ବାପା ମା' କେମିତି ଆଉ ଦୁଇଟା ଟେନ୍‌ସନ୍ କଣ। ବୁଝି ଯା।

ସେଇଦିନ ସିଏ ଆସିଲା, ରାତି ଅଧାରେ। ମୁଁ ଶୋଇଥିଲି। ସେ ଉଠେଇଲା। ଆଉ ଆମେ ଘରୁ ବାହାରି ଚନ୍ଦ୍ର ଆଲୋକରେ ଧିମା ଧିମା ପବନରେ ବୁଲିଲୁ। ଚାଲି ଚାଲି କେତେବାଟ ଯିବୁ ? ସେଇ ପାଖରେ ବୁଲିଲୁ। ସେ ମୋ ହାତ ଧରିଥିଲା। ଦେହ ଭିତରେ ମୋ ରକ୍ତ ଗୁଡ଼ା ଯେମିତି ଧାଉଁଥିଲେ, କହି ପାରିବିନି ଓ ତା' ବାଳ ଖୋଲା। ବାଳ ଆଉ ଶାଲୱାରର ଚୁନି ପବନରେ ଉଡୁଥିଲେ। ମୁଁ ତା' ମୁହଁକୁ ଅନେଇ ପାରୁନଥିଲି। କାହିଁକି କ'ଣ ? ପୁଅ ପିଲାଟେ ହେଲେ ବି ମୋର ପୁଣି ଲାଜ ଅଛି ନା ନାହିଁ ? ମୋତେ ଅଫର୍ ମିଳିଲା ପରେ ତାକୁ କେମିତି ପ୍ରପୋଜ କରିବି ସେଇୟା ଚିନ୍ତା କରୁଥିଲି। ଏପଟେ ତା' ସହ କଥା ବି ହେଉଥିଲି। ମୁଣ୍ଡ ଦୁଇ ଆଡ଼େ କାମ କରୁଥିଲା। ଆମେ ଏପଟ ସେପଟ ହୋଇ ବୁଲୁଥିଲୁ। ବେଶୀ ସମୟ କିଛି କଥା ନ ହୋଇ ଚୁପଚାପ ଚାଲୁଥିଲୁ। କିଛି ସମୟ ଏଣୁତେଣୁ କଥା ହେଉଥିଲୁ। ସେମିତି କିଛି ଅଧିକ କଥା ନୁହଁ। ଯେଉଁ କଥା ଆମେ ପ୍ରାୟ ସବୁ ଦିନ ହେଉ ଓ ଯେମିତି କି ଆଜି କ'ଣ ରୋଷେଇ ହେଇଛି ତମ ଘରେ। ଆଜି କେଉଁ ସାଙ୍ଗକୁ ଫୋନ କରିଥିଲି, କେଉଁ ସାଙ୍ଗକୁ ଚାକିରୀ ମିଳିଗଲା, କେଉଁ ସାଙ୍ଗର ବାହାଘର ଆର ମାସରେ, କିଏ ତା' ସ୍ତ୍ରୀକୁ ନେଇ କୁଆଡ଼େ ବୁଲିବାକୁ ଗଲା। ଏମିତି ସବୁ। କିଛି ସମୟ ପରେ ଆସିଲୁ ଘରକୁ।

ପରଦିନ ସକାଳୁ ତା' ମା'ଙ୍କ କାନ୍ଦରେ ମୋ ନିଦ ଭାଙ୍ଗିଲା। ମୁଁ କିଛି ବୁଝି ପାରୁ ନଥିଲି ଓ ଦୌଡ଼ି ଯାଇ ଦେଖିଲା ବେଳକୁ ତା' ମଲା ଶରୀରଟା ଫ୍ୟାନ୍‌ରୁ ତଳକୁ ଝୁଲୁଥିଲା। ରାତିରେ କେହି ଜଣେ ପୁଅଘର ବାହାଘର କରିବେ ବୋଲି ଫୋନ୍ ଦ୍ୱାରା ଜଣେଇ ଦେଇଥିଲେ ଓ ସେ ଚୁପଚାପ ଥିଲା। ନା କିଛି କହିଥିଲା, ନା ବିରକ୍ତି ହୋଇଥିଲା, ନା ଖୁସି ଥିଲା। କେବଳ ଥରେ ମାତ୍ର ତା' ସାନ ଭାଇକୁ କହିଥିଲା, 'ଭଲ ହେଲାନି'।

ଆଗରୁ ଥରେ ସେ ବାହାଘର ବିଷୟରେ ଘରେ କହିଥିଲା ବୋଲି ତାକୁ କୁଆଡ଼େ ତା' ବାପା ପ୍ରବଳ ପିଟିଥିଲେ। ତା' ଝୁଲୁଥିବା ଲାସର ଗୋଡ଼ ଦୁଇଟିକୁ ଧରି ତା' ମା' ବାହୁନି ବାହୁନି କାନ୍ଦୁଥିଲେ। ମଝିରେ ମଝିରେ ମୋ ନାଁଟି ମୁଁ ଶୁଣିବାକୁ ପାଉଥିଲି। ଘରର ଅନ୍ୟ ସମସ୍ତଙ୍କ ମୁହଁରେ କିଛି କିଛି ଚିନ୍ତାର ରେଖା ଦେଖା ଯାଉଥିଲା। କାହିଁକି ସେ ଏମିତି କଲା ? ଆମକୁ ତ ଜଣେଇ ପାରିଥାନ୍ତା। କିଏ କିଏ ଆହାଃ.. ଚୁ.. ଚୁ.. କରୁଥିଲେ। ପୁଲିସ ଆସି ସାରିଥିଲା।

ଆଉ ମୁଁ ? ମନେପକେଇ ପାରୁନଥିଲି ରାତିରେ ସେ ସତରେ ଆସିଥିଲା ନା ସ୍ୱପ୍ନରେ।

ଭୁବନେଶ୍ୱର, ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA



# ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ମୁସ୍ତାଫିଜୁର ରେହମାନ୍, ବିସିସିଆଇ ନିର୍ଦ୍ଦେଶରେ କେକେଆର୍ ନେଲା ନିଷ୍ପତ୍ତି

ନୂଆଦିଲ୍ଲୀ,(ସ୍ୱ.ପ୍ର): ଶେଷରେ ଯାହା ଅନୁମାନ କରାଯାଉଥିଲା ଶେଷରେ ତାହା ହିଁ ହୋଇଛି। ବାଂଲାଦେଶର ଷ୍ଟାର କ୍ରିକେଟର ମୁସ୍ତାଫିଜୁର ରେହମାନ୍‌ଙ୍କୁ ଚଳିତ ଆଇପିଏଲ୍ ସିଜିନ୍‌ରୁ ବାଦ୍ ଦିଆଯାଇଛି। ବାଂଲାଦେଶରେ ହିନ୍ଦୁ ସମ୍ପ୍ରଦାୟଙ୍କ ଉପରେ ହେଉଥିବା ଆକ୍ରମଣ, ଅତ୍ୟାଚାରର ପ୍ରତିବାଦରେ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଂଲାଦେଶକୁ ସବୁପ୍ରସଙ୍ଗରେ ବୟକଟ୍ କରିବାକୁ ଦାବି ଜୋର ଧରିଛି। ଏହାରି ମଧ୍ୟରେ ଶାହରୁଖ୍ ଖାନ୍‌ଙ୍କ ଫ୍ରାଞ୍ଚାଇଜ୍ ଦଳ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ୯.୨୦ କୋଟି ଟଙ୍କା ମୂଲ୍ୟରେ ମୁସ୍ତାଫିଜୁର୍ ରେହମାନ୍‌ଙ୍କୁ କିଣିଥିଲା। ଏହାକୁ ନେଇ ଶାହରୁଖ୍ ଖାନ୍‌ଙ୍କୁ ରାଜନୈତିକ ସ୍ତରୁ ଆରମ୍ଭ କରି ପ୍ରାୟ ସବୁସ୍ତରରେ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡିଥିଲା। ତଥାପି ମୁସ୍ତାଫିଜୁରଙ୍କ ସମ୍ପର୍କରେ କେକେଆର୍ ଚୂଡାନ୍ତ ନିଷ୍ପତ୍ତି ବିସିସିଆଇ ଉପରେ ନ୍ୟସ୍ତ କରିଥିଲା। ତେବେ ଶନିବାର ବିସିସିଆଇ ନିଜ ନିଷ୍ପତ୍ତି ଶୁଣାଇଛି। ଏହିକ୍ରମେ କେକେଆର୍ ମୁସ୍ତାଫିଜୁର ରେହମାନ୍‌ଙ୍କୁ ୨୦୨୬ ଆଇପିଏଲ୍ ସଂସ୍କରଣରୁ ବାଦ୍ ଦେବାକୁ ବାଧ୍ୟ ହୋଇଛି।

ଆଇପିଏଲ୍ ନିୟମାନୁସାରେ ଫ୍ରାଞ୍ଚାଇଜ୍ ଦଳ କୌଣସି ଖେଳାଳିଙ୍କୁ ନିଲାମରେ କିଣିବା ପରେ ନିଜ ନିଷ୍ପତ୍ତି ପରିବର୍ତ୍ତନ କରିପାରିବେ ନାହିଁ। ଯେପର୍ଯ୍ୟନ୍ତ ଖେଳାଳି ବ୍ୟକ୍ତିଗତ କାରଣରୁ ଅର୍ଥାତ୍ ଆଘାତ, ଶାରୀରିକ ଅସୁସ୍ଥତା, ପାରିବାରିକ ସମସ୍ୟା କିମ୍ବା ଅନ୍ୟ ଯେକୌଣସି କାରଣରୁ ନିଜ ଉପଲବ୍ଧତା ସୁନିଶ୍ଚିତ ନକରିଛନ୍ତି ବା ନିଜଆଡୁ ଲିଗ୍‌ରୁ ନଓହରିଯାଇଛନ୍ତି, ସେପର୍ଯ୍ୟନ୍ତ ଦଳ ତାଙ୍କୁ ଉକ୍ତ ସିଜିନ୍ ପାଇଁ ବାଦ୍ ଦେଇପାରିବେ ନାହିଁ। କେବଳ ଏହି କାରଣରୁ ବିସିସିଆଇକୁ କେକେଆର ଏବଂ ମୁସ୍ତାଫିଜୁର ରେହମାନ୍‌ଙ୍କ ମାମଲାରେ ହସ୍ତକ୍ଷେପ କରିବାକୁ ପଡ଼ିଛି। ସୂଚନାଯୋଗ୍ୟ, ଭାରତରେ ଯେଉଁଠି ବାଂଲାଦେଶ ବିରୋଧୀ ମନୋଭାବ ଜୋର ଧରିଛି ସେଠାରେ ବାଂଲାଦେଶ ଦଳ ଆସନ୍ତା ମାସ ଅର୍ଥାତ୍ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଖେଳିବା ପାଇଁ ଭାରତ ଆସିବା କାର୍ଯ୍ୟକ୍ରମ ଅଛି। ବାଂଲାଦେଶର ସମସ୍ତ ମ୍ୟାଚ୍ ଭାରତରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଅଛି। ସେହିପରି ଚଳିତ ବର୍ଷ ଅଗଷ୍ଟ/ସେପ୍ଟେମ୍ବର ଆଡକୁ ଭାରତ ମଧ୍ୟ ବାଂଲାଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏବେ ଏସବୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ନ୍ୟୁଜିଲାଣ୍ଡ ବିପକ୍ଷ ଏକଦିବସୀୟ ସିରିଜ୍

# ଭାରତୀୟ ଦିନିକିଆ ଦଳ ଘୋଷଣା କଲା ବିସିସିଆଇ

ନୂଆଦିଲ୍ଲୀ,(ସ୍ୱ.ପ୍ର): ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଭାରତୀୟ କ୍ରିକେଟ ଦଳର ଘୋଷଣା କରାଯାଇଛି। ବିସିସିଆଇ ଏକ୍ସ-ପୋଷ୍ଟ ମାଧ୍ୟମରେ ଏସମ୍ପର୍କରେ ସୂଚନା ଦେଇଛି। ବେକରେ ଆଘାତ ଲାଗିବା ଯୋଗୁ ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଥିବା ଯୁବ କ୍ରିକେଟର ଶୁଭମନ୍ ଗିଲ୍‌ଙ୍କୁ ଏହି ସିରିଜ୍ ପାଇଁ ଅଧିନାୟକ ଦାୟିତ୍ୱ ମିଳିଛି।




ସେହିପରି ବ୍ୟାଟ୍ସମ୍ୟାନ୍ ଶ୍ରେୟସ ଆୟର ଏବଂ ଫାଷ୍ଟ ବୋଲର ମହମ୍ମଦ ସିରାଜ୍ ମଧ୍ୟ ଦଳକୁ ଫେରିଛନ୍ତି। ଶ୍ରେୟସ ଆୟରଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷେ ଜଶପ୍ରୀତ୍ ବୁମ୍ରା ଏବଂ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ଏହି ସିରିଜ୍ ପାଇଁ ବିଶ୍ରାମ ଦିଆଯାଇଛି। ନୀତିଶ କୁମାର ରେଡ୍ଡି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ପେସ୍ ବୋଲିଂ ଅଲରାଉଣ୍ଡର ଭାବରେ ଖେଳିବେ। ଅନ୍ୟତମ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କୁ ମଧ୍ୟ ଏଥର ସୁଯୋଗ ମିଳିପାରିନାହିଁ। ତେବେ ୱିକେଟ୍‌କିପର-ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତ କିନ୍ତୁ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ଯୁବ ଓପନର ବ୍ୟାଟ୍ସମ୍ୟାନ୍ ଯଶସ୍ୱୀ ଜୟସୱାଲ୍‌ଙ୍କୁ ବ୍ୟାକ୍‌ଅପ୍ ଓପନର୍ ଭାବେ ଟିମ୍‌ରେ ସାମିଲ କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶୁଭମନ୍ ଗିଲଙ୍କ ଅନୁପସ୍ଥିତିରେ ରୋହିତ ଶର୍ମାଙ୍କ ସହିତ ଜୟସୱାଲ ଓପନିଂ କରିଥିଲେ। ସେ ତୃତୀୟ ଦିନିକିଆରେ ଅପରାଜିତ ୧୧୬ ରନ୍ କରିଥିଲେ। ଅର୍ଶଦୀପ ସିଂହ, ପ୍ରସିଦ୍ଧ କୃଷ୍ଣ ଏବଂ ହର୍ଷିତ ରାଣା ଦଳର ଅନ୍ୟ ତିନି ଆଗ ଧାଡିର ପେସର ହେବେ।

ଭାରତ ଜାନୁଆରୀ ୧୧ରୁ ୧୮ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନୋଟି ଦିନିକିଆ ଖେଳିବ। ଜାନୁଆରୀ ୧୧ରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ମ୍ୟାଚ୍ ବରୋଦା ଗ୍ରାଉଣ୍ଡରେ ଖେଳାଯିବ। ପ୍ରଥମ ମ୍ୟାଚ୍ ବଡୋଦରାରେ ଖେଳାଯିବାକୁ ଥିବାବେଳେ ଦ୍ୱିତୀୟ ମ୍ୟାଚ୍ ରାଜକୋଟ ଏବଂ ତୃତୀୟ ମ୍ୟାଚ୍ ଇନ୍ଦୋରରେ ଖେଳାଯିବ। ପ୍ରକାଶ, ବିସିସିଆଇ ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ସହ ଖେଳାଯିବାକୁ ଥିବା ଟି୨୦ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା କରିସାରିଛି। ଜାନୁଆରୀ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଞ୍ଚଟି ଟି୨୦ ମ୍ୟାଚ୍ ଖେଳାଯିବ।

**ଏକଦିବସୀୟ ସିରିଜ୍ ପାଇଁ ଘୋଷିତ ଭାରତୀୟ ଟିମ୍**

ଶୁଭମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, କେଏଲ ରାହୁଲ (ୱିକେଟ୍‌କିପର), ଶ୍ରେୟସ ଆୟର (ଉପ-ଅଧିନାୟକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ହର୍ଷିତ ରାଣା, ପ୍ରସିଦ୍ଧ କୃଷ୍ଣ, କୁଲଦୀପ ଯାଦବ, ଋଷଭ ପନ୍ତ (ୱିକେଟକିପର), ନୀତିଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ ଏବଂ ଯଶସ୍ୱୀ ଜୟସ୍ୱାଲ। ତେବେ ଶ୍ରେୟସ ଆୟରଙ୍କ ଉପଲବ୍ଧତା ଫିଟନେସ୍ କ୍ଲିୟରାନ୍ସ ଉପରେ ନିର୍ଭର କରେ। ଅର୍ଥାତ୍ ବିସିସିଆଇ ଡାକ୍ତରୀ ଟିମ୍ ଯଦି ଆୟରଙ୍କୁ ଫିଟନେସ୍ କ୍ଲିଅରାନ୍ସ ଦେଉଛନ୍ତି ତେବେ ଯାଇ ଆୟର ଖେଳିପାରିବେ।

# ବିପଦରେ ଭାରତ-ବାଂଲାଦେଶ କ୍ରିକେଟ୍ ସମ୍ପର୍କ

ନୂଆଦିଲ୍ଲୀ : ବାଂଲାଦେଶର ବର୍ତ୍ତମାନ ରାଜନୈତିକ ପରିସ୍ଥିତି, ବିଶେଷକରି ସେଠାରେ ଦେଖାଦେଇଥିବା ଭାରତ ବିରୋଧୀ ଜନମତ ଦୁଇଦେଶର କ୍ରିକେଟ୍ ସମ୍ପର୍କକୁ ପ୍ରଭାବିତ କରିବାର ଆଶଙ୍କା ଦେଖାଦେଇଛି। ବିସିସିଆଇର ନିର୍ଦ୍ଦେଶ କ୍ରମେ ଆଇପିଏଲ ଫ୍ରାଞ୍ଚାଇଜି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ପକ୍ଷରୁ ବାଂଲାଦେଶୀ ଖେଳାଳି ମୁସ୍ତାଫିଜୁର ରେହେମାନଙ୍କୁ ରିଲିଜ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ପରେ ପରେ ବିସିସିଆଇ ସୂତ୍ରରୁ ଆଉ ଏକ ଖବର ଆସିଛି ଯେ ଆସନ୍ତା ଅଗଷ୍ଟ ମାସରେ ହେବାକୁ ଥିବା ଭାରତର ବାଂଲାଦେଶ ଗସ୍ତକୁ ଆପାତତଃ ସ୍ଥଗିତ ରଖାଯାଇଛି। ଏହି ଗସ୍ତ ପୂର୍ବରୁ ବିସିସିଆଇ ଭାରତ ସରକାରଙ୍କ ସବୁଜ ସଂକେତକୁ ଅପେକ୍ଷା କରିବ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି।

ଏହି ଗସ୍ତଟି ୨୦୨୫ରେ ହେବାର ଥିଲା, କିନ୍ତୁ ସେଠାକାର ରାଜନୈତିକ ଓ ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଗସ୍ତକୁ ସ୍ଥଗିତ ରଖାଯାଇଥିଲା। ତେବେ ଗତକାଲି ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଜାରି କ୍ରିକେଟ କ୍ୟାଲେଣ୍ଡରରେ ଭାରତ ଗସ୍ତକୁ ସାମିଲ କରାଯାଇଥିଲା। ଏହି କାର୍ଯ୍ୟସୂଚୀ ଅନୁସାରେ ଆସନ୍ତା ଅଗଷ୍ଟ-ସେପ୍ଟେମ୍ବର ମାସରେ ଭାରତୀୟ ଦଳ ବାଂଲାଦେଶ ଗସ୍ତ କରି ୩ଟି ଦିନିକିଆ ଓ ୩ଟି ଟି-୨୦ ଖେଳିବ। କିନ୍ତୁ ଏବେ ଏହି ଗସ୍ତକୁ ନେଇ ପୁଣି ଥରେ ଅନିଶ୍ଚିତତା ଦେଖାଦେଇଛି। ଯଦି ବିସିସିଆଇ ଏହି ଗସ୍ତକୁ ରଦ୍ଦ କରେ ତେବେ ତାହା ବାଂଲାଦେଶ ସହ ଭାରତର କ୍ରିକେଟ ସମ୍ପର୍କକୁ ପ୍ରଭାବିତ କରିବାର ଆଶଙ୍କା ରହିଛି।

# ଆକ୍ସନ ଅବତାରରେ ତାରା ସୁତାରିଆ; 'ଟକ୍ସିକ୍'ରୁ ପ୍ରଥମ ଲୁକ୍‌ଆଉଟ୍

କନ୍ନଡ ସୁପରଷ୍ଟାର ଯଶଙ୍କ ସବୁଠାରୁ ପ୍ରତୀକ୍ଷିତ ଫିଲ୍ମ 'ଟକ୍ସିକ' ରିଲିଜ୍ ବର୍ଷରେ ପହଞ୍ଚିସାରିଛି। ଏହି ଫିଲ୍ମଟି ମାର୍ଚ୍ଚ ୨୦୨୬ ରେ ରିଲିଜ୍ ହେବ ଏବଂ ଫିଲ୍ମର ମୁଖ୍ୟ ନାୟିକାମାନଙ୍କର ପ୍ରଥମ ଲୁକ୍ ଗୋଟିଏ ପରେ ଗୋଟିଏ ପ୍ରକାଶିତ ହେଉଛି। କିଆରା ଆଡଭାନୀ, ହୁମା କୁରେଶୀ ଏବଂ ନୟନତାରାଙ୍କ ପରେ, ବର୍ତ୍ତମାନ ଫିଲ୍ମରୁ ତାରା ସୁତାରିଆଙ୍କ ପ୍ରଥମ ଲୁକ୍ ପ୍ରକାଶ ପାଇଛି। ଆଜି ଜାନୁଆରୀ ୩ରେ, ଟକ୍ସିକ ନିର୍ମାତାମାନେ ତାରା ସୁତାରିଆଙ୍କ ଏକ ଭିନ୍ନ ଅବତାରରେ ପ୍ରଥମ ଲୁକ୍ ସେୟାର କରିଛନ୍ତି। ଫିଲ୍ମର ରିଲିଜ ତାରିଖ ପାଖେଇ ଆସିବା ସହ ଫିଲ୍ମର ଅଭିନେତ୍ରୀମାନଙ୍କର ଆହୁରି ପ୍ରଥମ ଲୁକ୍ ମଧ୍ୟ ପ୍ରକାଶ ପାଉଛି। ଯାହାକୁ ଦେଖି ଉତ୍ସାହିତ ଦର୍ଶକ।

ଗୀତୁ ମୋହନଦାସଙ୍କ ଚଳଚ୍ଚିତ୍ର 'ଟକ୍ସିକ'ର ତାରା ସୁତାରିଆଙ୍କ ପ୍ରଥମ ଲୁକରେ ସେ ବ୍ଲାକ ଡ୍ରେସରେ ବନ୍ଧୁକ ଧରି ଠିଆ ହୋଇଥିବା ନଜର ଆସିଛନ୍ତି। ତାରାଙ୍କ ତୀବ୍ର ଲୁକ୍ ବହୁତ ପ୍ରଭାବଶାଳୀ। ଟକ୍ସିକ ଚଳଚ୍ଚିତ୍ରରେ ତାରା ରେବେକା ଭୂମିକାରେ ଅଭିନୟ କରିବେ। ପୂର୍ବରୁ ନୟନତାରାଙ୍କ ଡ୍ୟାସିଂ ପ୍ରଥମ ଲୁକ ମୁକ୍ତିଲାଭ କରିଥିଲା। ନୟନତାରା ଗଙ୍ଗା ନାମକ ଏକ ଝିଅ ଭୂମିକାରେ ଅଭିନୟ କରିବେ। ହୁମା କୁରେଶୀ ଏଲିଜାବେଥ ଭୂମିକାରେ ଅଭିନୟ କରିବେ, ଏବଂ କିଆରା ଆଡଭାନୀ ନାଦିଆ ଭୂମିକାରେ ଅଭିନୟ କରିବେ। ଟକ୍ସିକରେ ଏହି ୪ ଅଭିନେତ୍ରୀଙ୍କ ଭୂମିକା ବହୁତ ଆକର୍ଷଣୀୟ, ଆଶ୍ଚର୍ଯ୍ୟଜନକ ଏବଂ ରହସ୍ୟମୟ। 'ଟକ୍ସିକ' ଗୀତୁ ମୋହନଦାସଙ୍କ ଦ୍ୱାରା ନିର୍ଦ୍ଦେଶିତ। ଭେଙ୍କଟ ନାରାୟଣ ଏବଂ ଯଶ ପ୍ରଯୋଜକ। କେଭିଏନ୍ ପ୍ରଡକ୍ସନ୍ସ ଏବଂ ମନଷ୍ଟର ମାଇଣ୍ଡ କ୍ରିଏସନ୍ସ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ସିନେମାଟୋଗ୍ରାଫର ହେଉଛନ୍ତି ରାଜୀବ ରବି। ଏହି ଫିଲ୍ମରେ ଯଶ ଏବଂ କିୟାରା ଆଡଭାନୀ ଅଭିନୟ କରିଛନ୍ତି। ମାଆ ହେବା ପରେ ଏହା କିଆରା ଆଡଭାନୀଙ୍କ ପ୍ରଥମ ଫିଲ୍ମ। ଫିଲ୍ମଟି ଏକକାଳୀନ କନ୍ନଡ ଏବଂ ଇଂରାଜୀରେ ସୁଟିଂ କରାଯାଇଛି ଏବଂ ଏହା ୧୯ ମାର୍ଚ୍ଚ, ୨୦୨୬ରେ ଉଗାଦିରେ ୬ଟି ଭାଷାରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ଏହି ଫିଲ୍ମଟି ଇଂରାଜୀ ଏବଂ କନ୍ନଡ ଭାଷାରେ ନିର୍ମିତ ହେଉଛି, ଏବଂ ଏହା ହିନ୍ଦୀ, ତେଲୁଗୁ, ତାମିଲ ଏବଂ ମାଲାୟଲମ ସହିତ ଅନେକ ଅନ୍ୟାନ୍ୟ ଭାରତୀୟ ଏବଂ ଅନ୍ତର୍ଜାତୀୟ ଭାଷାରେ ମୁକ୍ତିଲାଭ କରିବ।




# ମନ ଜିଣିନେଲେ ପ୍ରଭାସ

କେବଳ ଅଭିନୟ ଦକ୍ଷତା ପାଇଁ ନୁହେଁ, ଉତ୍ତମ ବ୍ୟବହାର ପାଇଁ ବି ସମସ୍ତଙ୍କ ପ୍ରିୟ ତାରକା ବନିଛନ୍ତି ତେଲୁଗୁ ସୁପର୍‌ଷ୍ଟାର୍ ପ୍ରଭାସ। ନିଜ ସିନେମାର ପ୍ରି-ରିଲିଜ୍ ଇଭେଣ୍ଟ୍‌ରେ ବରିଷ୍ଠ କଳାକାରଙ୍କ ସିନେମା ବି ବ୍ଲକ୍ ବଷ୍ଟର୍ ହେଉ ବୋଲି କହିବାର ବଡ଼ପଣ ପ୍ରଭାସଙ୍କୁ ପ୍ରଶଂସକଙ୍କ ଦୃଷ୍ଟିରେ ବାସ୍ତବ ହିରୋ ସଜାଇଛି। ଆଗକୁ ରିଲିଜ୍ ହେବାକୁ ଯାଉଛି ପ୍ରଭାସଙ୍କ ଅଭିନୀତ ନୂଆ ସିନେମା 'ରାଜାସାବ୍'। ଏହାର ପ୍ରି-ରିଲିଜ୍ କାର୍ଯ୍ୟକ୍ରମରେ ପ୍ରଭାସ ଦର୍ଶକଙ୍କୁ ସମ୍ବୋଧିତ କରିବା ବେଳେ ତାଙ୍କ ଫିଲ୍ମ ସମେତ ମକର ସଂକ୍ରାନ୍ତି ଅବସରରେ ରିଲିଜ୍ ହେବାକୁ ଯାଉଥିବା ୫ଟିଯାକ ସିନେମା ବ୍ଲକ୍‌ବଷ୍ଟର୍ ହେଉ ବୋଲି କହି ସମସ୍ତଙ୍କ ମନ ଜିଣିଛନ୍ତି। କେବଳ ସେତିକି ନୁହେଁ, ତାଙ୍କର ଏକ ମନ୍ତବ୍ୟ ପାଇଁ ସେ ଏବେ ସୋସିଆଲ୍ ମିଡିଆରେ ପ୍ରଶଂସା ସାଉଁଟୁଛନ୍ତି। ସେ କହିଥିଲେ,'ବରିଷ୍ଠମାନେ ସର୍ବଦା ବରିଷ୍ଠ। ଆମେ ସେମାନଙ୍କଠାରୁ ଶିଖୁଛୁ, ସେମାନଙ୍କୁ ଅନୁକରଣ କରୁଛୁ ଓ ଆମେ ସବୁବେଳେ ସେମାନଙ୍କ ପଛରେ ହିଁ ରହିବୁ।' ପ୍ରଭାସଙ୍କ ଏହି ମନ୍ତବ୍ୟ ମେଗାଷ୍ଟାର୍ ଚିରଞ୍ଜୀବୀଙ୍କ ଉଦ୍ଦେଶ୍ୟରେ ଥିଲା ବୋଲି ପ୍ରଶଂସକମାନେ ଅନୁମାନ କରିଛନ୍ତି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: jatiyachetana@gmail.com, jatiyachetana@yahoo.com,
Chief Advisor: Pradosh Pattnaik ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ Editor: Tapan Bihari Bhanja ସମ୍ପାଦକ: ତପନ ବିହାରୀ ଭଞ୍ଜ